
ଧରିତ୍ରୀ
DHARITRI
May 21-27, 2023 ₹2/-
ଛୁଟିଦିନ



# ଜଳ ସନ୍ଧାନୀ

ପ୍ରଚ୍ଛଦ ପ୍ରସଙ୍ଗ

୪

ଭୂପୃଷ୍ଠରେ ଜଳର ସ୍ତର କେଉଁଠି କେତେ ପରିମାଣରେ ରହିଛି, ତା'ର ସନ୍ଧାନ ଦେଉଥିବା ଜଳ ସନ୍ଧାନୀଙ୍କ ସମ୍ପର୍କରେ...

## ବାସ୍ତୁ ଅନୁଯାୟୀ ଶୌଚାଳୟ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଦକ୍ଷିଣ କିମ୍ବା ଦକ୍ଷିଣ-ପଶ୍ଚିମ କୋଣରେ ଶୌଚାଳୟ ରହିବା ଶୁଭ ହୋଇଥାଏ। ଏହାଦ୍ୱାରା ଘର ଉପରେ ଅନେକ ସୁ-ପ୍ରଭାବ ପଡିଥାଏ ବୋଲି ବିଶ୍ୱାସ କରାଯାଏ। ତେବେ ଅନ୍ୟ କୌଣସି ଦିଗରେ ଶୌଚାଳୟ କଲେ କ'ଣ ସବୁ ସମସ୍ୟା ଉପୁଜିଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

*କୁହାଯାଏ, ଘରର ପୂର୍ବ ଦିଗରେ ଶୌଚାଳୟ ଥିଲେ ପରିବାର ସଦସ୍ୟଙ୍କୁ ସବୁବେଳେ ଥକ୍କାପଣ ଅନୁଭବ ହୋଇଥାଏ। ତା'ସହିତ ସମ୍ପର୍କରେ ଫାଟ ସୃଷ୍ଟି ହେବାର ମଧ୍ୟ ଆଶଙ୍କା ଦେଖାଯାଇଥାଏ।

* ଦକ୍ଷିଣ-ପଶ୍ଚିମ କୋଣରେ ଶୌଚାଳୟ ଗଢିହେବ କିନ୍ତୁ ପଶ୍ଚିମ ଦିଗରେ ଶୌଚାଳୟ



ରହିବା ଆଦୌ ଭଲ ନୁହେଁ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହାଦ୍ୱାରା ଘରେ ଅଶାନ୍ତି ଉପୁଜିଥାଏ ବୋଲି କୁହାଯାଏ।

* ସେହିପରି ଉତ୍ତର ଦିଗରେ ଶୌଚାଳୟ ରହିବା ଠିକ୍ ନୁହେଁ। କୁହାଯାଏ, ଏହି ଦିଗରେ ଶୌଚାଳୟ ରହିଲେ ଘରର ସଦସ୍ୟଙ୍କ ରୋଜଗାର ଉପରେ ଏହାର କୁ-ପ୍ରଭାବ ପଡିଥାଏ। ଯଦ୍ୱାରା ଧନହାନି ହେବାର ଆଶଙ୍କା ଦେଖାଯାଇଥାଏ।

*ଶୌଚାଳୟ ପାଇଁ ଉତ୍ତର-ପୂର୍ବ କୋଣ ମଧ୍ୟ ଠିକ୍ ନୁହେଁ। ଏହାର ପ୍ରଭାବ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡିଥାଏ ବୋଲି ବିଶ୍ୱାସ କରାଯାଏ।

*ଏଥିସହିତ ଧ୍ୟାନ ରଖିବେ, ଶୌଚାଳୟ କେବେ ବି ଭୁଲରେ ଯେମିତି ରୋଷେଇ ଘରର ସମ୍ମୁଖରେ ନ ଥିବ, କାରଣ ଏହାଦ୍ୱାରା ଘରେ ଅଭାବ ଅନଟନ ଲାଗି ରହିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୨୧-୨୭

**ମେଷ:** କର୍ମଜଞ୍ଜାଳ ବଢିବ, ଅଭାବ ଲାଗି ରହିବ, ରଚନାତ୍ମକ କାମରୁ ପ୍ରଶଂସା, ସଭାସମିତିକୁ ନିମନ୍ତ୍ରଣ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ସମ୍ମାନୀୟ ବ୍ୟକ୍ତିଙ୍କ ସାହାଯ୍ୟ, ଦୂରଯାତ୍ରାର ଯୋଜନା, ସନ୍ତାନଙ୍କ କୃତିତ୍ୱ, ରୋଗପୀଡା ବୃଦ୍ଧିପାଇବ।

**ବୃଷ:** କର୍ମଦକ୍ଷତାରୁ ପ୍ରଶଂସା, କଠୋର ବାକ୍ୟାଳାପରୁ ଅଶାନ୍ତି, ଭ୍ରାତୃବିବାଦ ଘଟିବ, ଫାଇଲ୍ କାମ ବୃଦ୍ଧି, ଘରକଥା ବୁଝିପାରିବେନି, ଭୁଲକାମ କରିପାରନ୍ତି, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସାହିତ୍ୟାନୁରାଗୀ ହୋଇପାରନ୍ତି।।

**ମିଥୁନ:** ପରିବାରରେ ଶାନ୍ତି, ସନ୍ଦେହମୁକ୍ତ ହେବେ, ଭୁଲ୍ ବୁଝାମଣା ଦୂର ହେବ, ସନ୍ତାନଙ୍କ କୃତିତ୍ୱ, ସ୍ୱାସ୍ଥ୍ୟରେ ଉନ୍ନତି, ସରକାରୀ ସହାୟତା, ପଡୋଶୀଙ୍କ ପ୍ରତାରଣା, ସମସ୍ୟା ସମାଧାନ, ସ୍ଥଗିତ କାର୍ଯ୍ୟ ଆରମ୍ଭ, ସଂକଟମୋଚନର ପ୍ରଚେଷ୍ଟା।।

**କର୍କଟ:** ଦୂରଯାତ୍ରା କରିପାରନ୍ତି, ମନ ଭାରାକ୍ରାନ୍ତ ରହିବ, ବନ୍ଧୁଙ୍କ ସାହାଯ୍ୟ, ଦ୍ରବ୍ୟନଷ୍ଟରୁ ଅନୁଶୋଚନା, ଆର୍ଥିକ ଦୁରବସ୍ଥା, ଅବହେଳିତ କାର୍ଯ୍ୟରୁ ମନସ୍ତାପ, ବ୍ୟବସାୟିକ ଉନ୍ନତି।।

**ସିଂହ:** କାର୍ଯ୍ୟସିଦ୍ଧି, ପ୍ରତୀକ୍ଷିତ ଖବରଟି ପାଇବେ, ବ୍ୟବସାୟରେ ସମସ୍ୟା, ଉଚ୍ଚଶିକ୍ଷା ପ୍ରତି ଆଗ୍ରହ, ଭ୍ରମଣ ସୁଯୋଗ ପାଇବେ, ଆର୍ଥିକ ଅଭିବୃଦ୍ଧି, ଯାନବାହନ କ୍ରୟ।।

**କନ୍ୟା:** ମାନସିକ ଅସ୍ଥିରତା, କାର୍ଯ୍ୟହାନୀ, ଆଶଙ୍କାଗ୍ରସ୍ତ ହେବେ, ସମ୍ପର୍କରେ ଉନ୍ନତି, ବିଶ୍ୱାସରୁ ପ୍ରତାରଣା, ଦୂରଯାତ୍ରା, ନୂତନ କର୍ମାରମ୍ଭ, ସାଧାରଣ ଘଟଣାରେ ଉଚ୍ଚବାଚ୍ଚ, ସଭାସମିତିକୁ ଆହ୍ୱାନ।।

**ତୁଳା:** ଶାରୀରିକ ସୁସ୍ଥତା, ନୂତନ ଯୋଜନାରମ୍ଭ, ବନ୍ଧୁମିଳନରୁ ଆନନ୍ଦ, ସହକର୍ମୀଙ୍କ ଅନୁରକ୍ତି, ଆଶା ପୂରଣ ହେବ, ପାରିବାରିକ ଦ୍ୱନ୍ଦ୍ୱ, ଯାନ୍ତ୍ରିକ ତ୍ରୁଟିରୁ ସମସ୍ୟା, କାର୍ଯ୍ୟହାନୀରୁ ବିରକ୍ତି ଭାବ, ବିଦେଶ ଯାତ୍ରାର ଅଫର, ଆର୍ଥିକ ଦୁରବସ୍ଥା।।

**ବିଛା:** ସ୍ୱାସ୍ଥ୍ୟୋନ୍ନତି, ଆଶ୍ୱସ୍ତି ଲାଭ, ନୂତନ କାମର ପରିକଳ୍ପନା, ବନ୍ଧୁବର୍ଗଙ୍କ ପରାମର୍ଶ, ସ୍ଥଗିତ କାମ ଆରମ୍ଭ, ଶୁଭ ଖବରରୁ ଆନନ୍ଦ, ଖୁସିଗପର ମଉଜ, ପରିଜନ ସହ ଭ୍ରମଣ, ପାରିବାରିକ ସହମତି, କାର୍ଯ୍ୟସିଦ୍ଧି, ସମସ୍ୟା ସମାଧାନ।।

**ଧନୁ:** କର୍ମକ୍ଷେତ୍ରରେ ନୂତନଦାୟିତ୍ୱ, ପଡୋଶୀଙ୍କ ଅପପ୍ରଚାର, ଅର୍ଥ ସଂକଟ, ପ୍ରତିବନ୍ଧକ ଦୂରହେବ, ଶିଳ୍ପବାଣିଜ୍ୟରେ ଉନ୍ନତି, ବନ୍ଧୁଙ୍କ ବିଶ୍ୱାସ ଘାତକତା, ନିର୍ମାଣାଧୀନ କାର୍ଯ୍ୟରେ ଦ୍ୱନ୍ଦ୍ୱ, ଯାତ୍ରାସ୍ଥଗିତ ହେବ।।

**ମକର:** ମାନସିକଗ୍ଲାନି, ଅତୀତର ଅନୁଶୋଚନା, ଅପ୍ରିୟ ସତ୍ୟରୁ କଳହ, ଧନହାନୀ ଘଟିପାରେ, ଜମିଜମା ବିବାଦ,ପାରିବାରିକ ଅଶାନ୍ତି, ପରୋପକାରରୁ ପ୍ରଶଂସା, ସ୍ନାୟବିକ ଦୁର୍ବଳତା,ଶୁଭ ଖବର ପ୍ରାପ୍ତି, ବନ୍ଧୁ ସମ୍ପର୍କରେ ଉନ୍ନତି।।

**କୁମ୍ଭ:** ଉନ୍ନତ ଚିନ୍ତା, ଆନୁଷଙ୍ଗିକ ସହଯୋଗ, ଅର୍ଥନୈତିକ ବିବାଦ, ଅଶୌଚ ଖବର, ଆରୋଗ୍ୟ ଲାଭରୁ ଆଶ୍ୱସ୍ତି, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ପାରିବାରିକ ଝଗଡା, ବିଶ୍ୱାସ ହରାଇବେ, ପରିସ୍ଥିତିର ମୁକାବିଲା, ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ, ପ୍ରାପ୍ୟ ଧନରେ ବାଧା।।

**ମୀନ:** ସମ୍ମାନିତ ହେବେ,ମିତ୍ର ବନ୍ଧୁଙ୍କ ପ୍ରଶଂସା, ଯାତ୍ରାରେ ଅଭିଳଷିତ ଫଳ, ଆମୋଦ ପ୍ରମୋଦର ସୁଯୋଗ, ପଦମର୍ଯ୍ୟାଦା ବୃଦ୍ଧି, ବିଳମ୍ବିତ କାର୍ଯ୍ୟରୁ ଅନୁତାପ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, କରଜଦାତାଙ୍କ ଚାପ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି।।

## ଝାଳ ବୋହୁଥିଲେ...

ଖରାଦିନେ ସମସ୍ତଙ୍କର ଝାଳ ବୋହିଥାଏ। ବେଳେବେଳେ ଏହି ଝାଳ ଖୁବ୍ ଦୁର୍ଗନ୍ଧ ମଧ୍ୟ ହୋଇଥାଏ। ଯଦ୍ୱାରା ଅପ୍ରୀତିକର ପରିସ୍ଥିତି ଉପୁଜିଥାଏ। ବିଶେଷଜ୍ଞଙ୍କ ମତରେ, ଶରୀରରୁ ଝାଳ ବୋହିବା ପଛରେ ମଧ୍ୟ ଅନେକ କାରଣ ରହିଥାଏ। ପ୍ରଥମତଃ, ଯଦି କୌଣସି ବ୍ୟକ୍ତି ଅତ୍ୟଧିକ ଶାରୀରିକ ପରିଶ୍ରମ କରିଥାନ୍ତି, ତା'ହେଲେ ତାଙ୍କ ଦେହରୁ ଝାଳ ବୋହିଥାଏ। ଦ୍ୱିତୀୟରେ ମେଦବହୁଳତାର ଶିକାର ହୋଇଥିଲେ ବି ଶରୀରରୁ



ଝାଳ ବୁଏ। ସେହିପରି ଅଧିକ ତେଲ, ମସଲାଯୁକ୍ତ କିମ୍ବା ରାଗ ଖାଦ୍ୟ ଖାଇବାକୁ ଭଲ ପାଉଥିବା କିଛି ଲୋକଙ୍କଠାରେ ମଧ୍ୟ ଝାଳ ବୋହିବା ସମସ୍ୟା ଦେଖାଯାଇଥାଏ। ହର୍‌ମୋନ୍ ଇମ୍‌ବାଲାନ୍ସ ହେବା ବି ଝାଳ ବୋହିବାର ଆଉ ଏକ କାରଣ ହୋଇଥାଏ। ସେହିପରି ବଂଶାନୁଗତ ଭାବେ ବି ଏହି ସମସ୍ୟା ଦେଖାଯାଇଥାଏ ବୋଲି ଅନେକେ ମତ ଦେଇଥାନ୍ତି। ତେବେ ଏଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ କିଛିଟା ସହଜ ଉପଚାର ମଧ୍ୟ ରହିଛି। ଯେମିତିକି: ପ୍ରତିଦିନ ପରିଷ୍କାର ହୋଇ ଗାଧୋଇବା ସହ ଭଲ ବ୍ରାଣ୍ଡର ବଡି ସ୍ପ୍ରେ ବ୍ୟବହାର କରିବା, ଡାଏଟ୍‌ରେ ଅଧିକ ମାତ୍ରାରେ ସତେଜ ପନିପରିବା ଏବଂ ଫଳମୂଳ ଖାଇବା, ପାଦକୁ ପରିଷ୍କାର ରଖିବା ସହ ପ୍ରତିଦିନ ପିନ୍ଧୁଥିବା ସକ୍ସକୁ ସଫା କରିବା, ତେଲ, ମସଲାଯୁକ୍ତ ତଥା ରାଗ ଖାଦ୍ୟ ଯେତେ ସମ୍ଭବ କମ୍ ଖାଇବା, ଖରାଦିନେ ଢିଲା କଟନ୍ ପୋଷାକ ପିନ୍ଧିବା ସହ ପ୍ରଚୁର ପରିମାଣରେ ପାଣି, ଫ୍ରୁଟ୍ ଜୁସ୍ ଆଦି ପିଇବା ଦରକାର।

## ପାଠକୀୟ

ଲୁହଧାରକୁ କେମିତି ହସରେ ବଦଳେଇ ହେବ ସେ କଳା ଏମାନଙ୍କୁ ବେଶ୍ ଜଣା। ଯେତେ ଦୁଃଖ କଷ୍ଟରେ ଥିଲେ ବି ବର୍ଷକ ବାରମାସ-ତିରିଶ' ପଞ୍ଚଷଠି ଦିନ ଏମାନଙ୍କ ପାଇଁ ହାସ୍ୟ ଦିବସ। ହସ ବିନା ଯେମିତି ଏମାନଙ୍କ ଜୀବନ ଅଧୁରା। ସମସ୍ତଙ୍କୁ ହସ ବଣ୍ଟିବା ବାଣ୍ଟୁଥିବା ଏଇ ହସ ବଇଦମାନଙ୍କ କଥାକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ହସ ବଇଦ' ଏକ ନିଆରା ଆଲେଖ୍ୟ ଥିଲା। 'ସକାଳୁ କ'ଣ କରିବା ଶୁଭ', 'ଗଛ ବି ବଦଳାଇ ଦେବ ଭାଗ୍ୟ' ଆଦି ପାଠରୁ ଅନେକ ଅଜଣା କଥା ଜାଣିହେଲା।

**- ତପସ୍ୱିନୀ ସାହୁ, ଖଣ୍ଡଗିରି, ଭୁବନେଶ୍ୱର**

ନବରସ ମଧ୍ୟରୁ ହାସ୍ୟ ରସ ଅନ୍ୟତମ। ତେଣୁ ନିରସ ବିରସ ମନକୁ ହସ ରସରେ ସରସ କରିବା ପାଇଁ, ହାସ୍ୟ ଲେଖକ ଓ କଳାକାରମାନଙ୍କର ଗୁରୁତ୍ୱ ସବୁବେଳେ ରହିଆସିଛି। ଜୋକର ଯେମିତି ନିଜର ସୁନ୍ଦର ରୂପକୁ ରଙ୍ଗ ତଳେ ଲୁଚାଇ, ନିଜକୁ ବିକୃତ ରୂପରେ ସଜେଇ ଅନ୍ୟକୁ ଆନନ୍ଦ ଦେଇଥାନ୍ତି, ଠିକ୍ ସେମିତି ଅନେକ ହାସ୍ୟ-ବ୍ୟଙ୍ଗ କବି ଅନ୍ୟ ମୁହଁରେ ହସର ବର୍ଷା କରେଇବାକୁ ଆପଣାର ସୁନ୍ଦର ପିତୃଦତ୍ତ ନାଁ ବଦଳାଇ, ବିକୃତ ନାମରେ ନାମିତ ହୋଇ ଖୁସି ବାଣ୍ଟୁଛନ୍ତି। ସେମିତି କେତେଜଣ ହାସ୍ୟ କବିଙ୍କ ଜୀବନିକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ହସ ବଇଦ'ଟି ସତରେ ବେଶ୍ ମର୍ମସ୍ପର୍ଶୀ ଥିଲା।

**- ରୋଜାଲିନ୍ ନିଶଙ୍କ,ଫୁଲନଖରା, କଟକ**

ବ୍ୟକ୍ତିତ୍ୱ ପୃଷ୍ଠାରୁ ଲୋକପ୍ରିୟ ବ୍ୟଙ୍ଗକାର ତଥା ସାହିତ୍ୟିକ ରାଧାକୃଷ୍ଣ ମିଶ୍ରଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଜୀବନର ପାଠ' ଶୀର୍ଷକ ଗପଟି ବି ବେଶ୍ ମନଛୁଆଁ ଥିଲା। ସାଥୀର ଉତ୍ତର ମଧ୍ୟ ରୋମାଣ୍ଟିକ୍‌ଭରା ଲାଗୁଥିଲା।

**- ରୋହିତ ପ୍ରଧାନ, ଝାରସୁଗୁଡ଼ା**

ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଦେଖାଯାଉଥିଲା। ବିଶେଷକରି ଏଥିରେ ସ୍ଥାନିତ 'ଚିନ୍ତା କରୁଛନ୍ତି ଜାହ୍ନବୀ', 'ସୋନାକ୍ଷୀଙ୍କ ଟିପ୍ସ', 'ପସନ୍ଦ କରନ୍ତି ନାହିଁ ଜନ୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ଥିଲା। ସାହିତ୍ୟିକ ତଥା ପ୍ରଶାସନିକ ଅଧିକାରୀ ବିଶିକେଶନ ଦେହୁରୀଙ୍କ ପ୍ରଥମ ରୋଜଗାରର ଅନୁଭୂତି ବି ହୃଦୟସ୍ପର୍ଶୀ ହୋଇଥିଲା।

**- ନବଘନ ଚୌଧୁରୀ, ସମ୍ବଲପୁର**

'ଦାମୀ ବହି' ଶୀର୍ଷକ ଆଲେଖ୍ୟରୁ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ମୁକେଶ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଧନଉଲ୍ଟି ସମ୍ପର୍କରେ ବହୁ ଅଜଣା କଥା ସହର ପୃଷ୍ଠାରୁ ଜାଣିହେଲା। ବ୍ୟାକ୍‌ପେଜ୍ ଓ ବିବିଧା ପୃଷ୍ଠା ବି ଶିକ୍ଷଣୀୟଭରା ଥିଲା।

**- ରାଜଶ୍ରୀ ପରିଡ଼ା, ଖଲ୍ଲିକୋଟ, ଗଞ୍ଜାମ**

### ବିଶେଷ ଚିଠି




ହସ ବଇଦ ଥିଲା ଏଥରର ପ୍ରଚ୍ଛଦ
ଲାଗୁଥିଲା ଭାରି ନିଆରା
ମନେ ଭରୁଥିଲା ଅପାର ଆନନ୍ଦ।
ଅନ୍ୟ ପୃଷ୍ଠାଗୁଡ଼ିକ ବି
ଲାଗୁଥିଲା ଚମତ୍କାର,
ସେଥିପାଇଁ ଛୁଟିଦିନ
ତୁମକୁ କରୁଛି ଜୁହାର।

**- ଶୁଭ୍ରପ୍ରକାଶ ଦାଶ, ପେଣ୍ଠକଣ୍ଟା, ପୁରୀ**

ଧରିତ୍ରୀ ଛୁଟିଦିନ    ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com


# ଘରେ ରଖନ୍ତୁ ଏଇ ମୂର୍ତ୍ତି

ଘର ସଜାଇବା ପାଇଁ ଲୋକେ ବିଭିନ୍ନ ପ୍ରକାରର ମୂର୍ତ୍ତି ଘରେ ରଖନ୍ତି। ତେବେ ଯଦି ବାସ୍ତୁଶାସ୍ତ୍ର ଅନୁସାରେ ମୂର୍ତ୍ତି ରଖାଯାଏ, ଘର ସୁନ୍ଦର ଦେଖାଯିବା ସହ ଅନେକ ଲାଭ ବି ମିଳେ। ବାସ୍ତୁଶାସ୍ତ୍ରରେ ପ୍ରାଣୀଙ୍କ ମୂର୍ତ୍ତି ରଖିବା ଶୁଭ ବୋଲି ଧରାଯାଏ। ତେଣୁ ଆସନ୍ତୁ ଜାଣିବା କେଉଁ ପ୍ରାଣୀର ମୂର୍ତ୍ତି ରଖିଲେ କେଉଁ ଫଳପ୍ରାପ୍ତି ହେବ।











**ଓଟ ମୂର୍ତ୍ତି:** ଓଟକୁ ସଂଘର୍ଷ ଓ ସଫଳତାର ପ୍ରତୀକଭାବେ ଗଣନା କରାଯାଏ। ଘରେ ଏହାର ମୂର୍ତ୍ତି ରଖିଲେ ଅନେକ ଫାଇଦା ମିଳିଥାଏ। ଏହା ଆପଣଙ୍କ ସଫଳତା ପଥରେ ଆସୁଥିବା ବାଧାକୁ ଦୂର କରିଥାଏ। ତା'ସହ ଏକାଗ୍ରତା ବି ବଢାଏ।

**ଗାଈ ମୂର୍ତ୍ତି:** ହିନ୍ଦୁଧର୍ମରେ ଗାଈକୁ ମାତାଭାବେ ସମ୍ମାନ ଦେଇ ପୂଜା କରାଯାଏ। ବିଶ୍ୱାସ କରାଯାଏ ଗାଈ ମଧ୍ୟରେ ସବୁ ଦେବୀଦେବତା ବାସ କରନ୍ତି। ତେଣୁ ଗାଈ ମୂର୍ତ୍ତିକୁ ରଖିଲେ ଘରକୁ ସୁଖ, ସମୃଦ୍ଧି ଓ ସମ୍ପନ୍ନତା ଆସିଥାଏ। ତା'ସହ ଆପଣଙ୍କ ସନ୍ତାନର ଭାଗ୍ୟ ଉଦୟ ହୁଏ ବୋଲି ବିଶ୍ୱାସ ରହିଛି। ଗାଈର ପିତଳ ମୂର୍ତ୍ତି ରଖିଲେ ସନ୍ତାନ ସୁଖ ପ୍ରାପ୍ତି ହୁଏ ବୋଲି ମଧ୍ୟ କୁହାଯାଏ।

**ହରିଣ ମୂର୍ତ୍ତି:** ହରିଣର ସ୍ୱଭାବ ଚଞ୍ଚଳ ହୋଇଥାଏ। ହେଲେ ତା'ର ପରିସ୍ଥିତି ସହ ଲଢିବାର କ୍ଷମତା ବେଶ୍ ଭଲ ଥାଏ। ବିଶ୍ୱାସ କରାଯାଏ ହରିଣ ମୂର୍ତ୍ତି ଘରେ ରଖିଲେ ବ୍ୟବସାୟରେ ଉନ୍ନତି ଘଟିଥାଏ।

**ହାତୀ ମୂର୍ତ୍ତି:** ହାତୀକୁ ବୁଦ୍ଧି, ବଳ ଓ ସକାରାତ୍ମକତାର ପ୍ରତୀକ ଭାବେ ଗଣନା କରାଯାଏ। ହାତୀର ମୂର୍ତ୍ତି ଘରେ ରଖିଲେ ନିଷ୍ପତ୍ତି ନେବା କ୍ଷମତା ବଢିଥାଏ। ତା'ସହ ଘରେ ସକାରାତ୍ମକତା ଆସିଥାଏ ଓ ଧନ ବୈଭବ ବଢିଥାଏ ବୋଲି କୁହାଯାଏ। ଶୟନ କକ୍ଷରେ ରୁପାର ହାତୀ ରଖିଲେ ରାହୁ ସମ୍ବନ୍ଧୀୟ ସବୁ ଦୋଷ ଦୂର ବୋଲି ବିଶ୍ୱାସ ରହିଛି।

**ସିଂହ ମୂର୍ତ୍ତି:** ଜଙ୍ଗଲର ରାଜା ସିଂହ। ସାହସ ଓ ବଳର ପ୍ରତୀକ ଇଏ। ତେଣୁ ଏହାର ମୂର୍ତ୍ତି ଘରେ ରଖିଲେ ଘର ଲୋକଙ୍କ ମନରେ ସାହସ ସବୁବେଳେ ଘର କରି ରହେ। ତା'ସହ ନିଷ୍ପତ୍ତି ନେବାର କ୍ଷମତା ପ୍ରବଳ ହୋଇଥାଏ। ଆଉ ବ୍ୟକ୍ତିଙ୍କ ମଧ୍ୟରେ ତେଜ ଉତ୍ପନ୍ନ ହୋଇଥାଏ ବୋଲି ବିଶ୍ୱାସ ରହିଛି।

**ଯୋଡା ହଂସ:** ବାସ୍ତୁଶାସ୍ତ୍ର ଅନୁଯାୟୀ ଡ୍ରଇଂ ରୁମ ଅବା ବେଡ୍ ରୁମ୍‌ରେ ହଂସ ଯୋଡାର ମୂର୍ତ୍ତି ଅବା ଫଟୋ ରଖିଲେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଦାମ୍ପତ୍ୟ ଜୀବନ ସୁଖମୟ ହୁଏ। ତା'ସହ ଘରର ପ୍ରତି ସଦସ୍ୟଙ୍କ ମଧ୍ୟରେ ପ୍ରେମ ଭାବ ବଢିଥାଏ।


## ଆୟୁର୍ବେଦ ଔଷଧର ଚମତ୍କାରିତା
ଗ୍ୟାସ୍ ଓ ଏସଡ଼ିଟି ପାଇଁ ଚିନ୍ତିତ କି ? available at amazon

ଗ୍ୟାଷ୍ଟ୍ରିକ ବା ଏସିଡିଟି ଆଜିର ଏକ ଅସାଧାରଣ ସମସ୍ୟାରେ ପରିଣତ ହେଲାଣି। ଏହାର ମୁଖ୍ୟ କାରଣ-ଅନିୟମତା ଖାଦ୍ୟ ଗ୍ରହଣ ଓ ଜୀବନ ଶୈଳୀ, ଫାଷ୍ଟଫୁଡ୍, ଦୀର୍ଘଦିନ ଧରି ଡାଇବେଟିସ୍ ହେବା, ବହୁତ ଦିନ ଧରି ଆଣ୍ଟିବାୟୋଟିକ୍ ବ୍ୟବହାର, ଠିକ୍ ସମୟରେ ନ ଖାଇଲେ, ଭୋକ ହେଲେ ନ ଖାଇବା ଓ ଭୋକ ମରିଯିବା ପରେ ଖାଇବା, ପ୍ରତିଦିନ ଝାଡା ସଫା ନ ହେବା ଗ୍ୟାଷ୍ଟ୍ରିକ୍‌ର ମୁଖ୍ୟ କାରଣ। ଗ୍ୟାଷ୍ଟ୍ରିକ ରୋଗୀ ସକାଳ ଜଳଖିଆ ଶଯ୍ୟା ତ୍ୟାଗର ୧ ରୁ ୨ ଘଣ୍ଟା ଭିତରେ ଖାଇବା ଆବଶ୍ୟକ। ରାତିରେ ୮ଟା ରୁ ୯ଟା ମଧ୍ୟରେ ହାଲୁକା ଭୋଜନ ଗ୍ରହଣ ଓ ଖାଇବାର ୧ ରୁ ୨ ଘଣ୍ଟା ପରେ ପାଣି ପିଇଲେ ଗ୍ୟାଷ୍ଟ୍ରିକ୍ ସମସ୍ୟା ଅନେକାଂଶ ପ୍ରଶମିତ ହୋଇଥାଏ। ଗ୍ୟାଷ୍ଟ୍ରିକ୍ ଯୋଗୁଁ ଶରୀରରେ ଅନେକ ରୋଗ ଜନ୍ମେ। ହଜମ ଶକ୍ତି କ୍ରମଶ ଦୁର୍ବଳ ହେଲେ ଶରୀରରେ ଆଣ୍ଠୁ ଗଣ୍ଠି ରୋଗ , ଥଣ୍ଡା, କଫ, ଶ୍ୱାସ, ଅର୍ଶ, ପିତ୍ତକୋଶରେ ପଥର ହେବା, ପରିସ୍ରା ଜଳାପୋଡା ହେବା, ଧାତୁଗତ ରୋଗ, ନିଦ୍ରାହିନତା, ହାଇ ବ୍ଲଡ୍ ପ୍ରେସର (ଉଚ୍ଚ ରକ୍ତଚାପ) କୋଷ୍ଠ କାଠିନ୍ୟ ଆଦି ରୋଗ ସୃଷ୍ଟି ହୁଏ।

ଏହି ସବୁ ସମସ୍ୟା ପାଇଁ **ଓଡିଶା ଆୟୁର୍ବେଦ ଭବନ, କଲେଜ ଛକ, କଟକ ଆୟୁର୍ବେଦ ଶାସ୍ତ୍ରୀ କବିରାଜ ବନମାଳୀ ଦାଶଙ୍କ** ଦ୍ୱାରା **ଶିବାଷ୍ଟକ ଚୂର୍ଣ୍ଣ** ଭଳି ଦୁର୍ଲଭ ଔଷଧ ପ୍ରସ୍ତୁତ କରିଛନ୍ତି। ଏହି ଶିବାଷ୍ଟକ ଚୂର୍ଣ୍ଣ ବ୍ୟବହାର କଲେ ବହୁ ପୁରାତନ ଗ୍ୟାଷ୍ଟ୍ରିକ, ବଦହଜମି, ଆମ୍ବିଳା ହାକୁଟି, କ'ଣ ଦିଟା ଖାଇଲେ ପେଟ ଭାରି ଭାରି ଲାଗିବା, ଛାତି ତଣ୍ଟି ପୋଡା ଜଳା ହେବା, ପେଟ ମରା, ତଳି ପେଟ କାମୁଡିବା, ଦୀର୍ଘଦିନର କୋଷ୍ଠବଦ୍ଧତା ଆଦିକୁ ଦୂର କରି ଆଶ୍ଚର୍ଯ୍ୟ ଭାବରେ ଭୋକ ଓ ହଜମ ଶକ୍ତି ବଢାଏ। ପ୍ରତିଦିନ ୨ ଚାମଚ ଶିବାଷ୍ଟକ ଚୂର୍ଣ୍ଣ ଦିନକୁ ୨ ଥର ସକାଳେ ଓ ସନ୍ଧ୍ୟାରେ ବ୍ୟବହାର କଲେ ଆଶୁ ଫଳ ମିଳେ। ଯଦି ଝାଡା ସଫା ନ ହୁଏ ତେବେ ଶୋଇବା ପୂର୍ବରୁ ଉଷୁମ ପାଣିରେ ୨ ଚାମଚ **ଓଡିଶା ପେଟ ଶୁଦ୍ଧି ଚୂର୍ଣ୍ଣ** ଖାଇବେ।




Fast Relief from ACIDITY,INDIGESTION & CONSTIPATION

# ଶିବାଷ୍ଟକ ଚୂର୍ଣ୍ଣ

ଆୟୁର୍ବେଦ ବିଶାରଦ
କବିରାଜ ବନମାଳୀ ଦାଶ

ଏହା ବ୍ୟବହାର କଲେ ଗ୍ୟାସ୍, ଏସିଡ଼ିଟି, ବଦହଜମି, ଆମ୍ବିଳା ହାକୁଟି, ଛାତି ତଣ୍ଟି ପୋଡ଼ା ଜଳା, ଅଜୀର୍ଣ୍ଣ, କୋଷ୍ଠ କାଠିନ୍ୟ ଦୂର କରି ଆଶ୍ଚର୍ଯ୍ୟ ଭାବରେ ହଜମ ଶକ୍ତି ବଢ଼ାଏ

ଓଡ଼ିଶା ଆୟୁର୍ବେଦ ଭବନ, କଲେଜ ଛକ, କଟକ Contact- 9437883226

Advt.



# ଜଳ ସନ୍ଧାନୀ

**ଭୂପୃଷ୍ଠରେ ଜଳର ସ୍ତର କେଉଁଠି କେତେ ପରିମାଣରେ ରହିଛି, ତା'ର ସନ୍ଧାନ ଦେଉଥିବା ଜଳ ସନ୍ଧାନୀଙ୍କ ସମ୍ପର୍କରେ...**

ଭୌଗୋଳିକ ସ୍ଥିତି ଅନୁଯାୟୀ ତିନିଭାଗ ଜଳ ଏକ ଭାଗ ସ୍ଥଳ ଥିଲେ ହେଁ ପ୍ରାୟ ୦.୫ ପ୍ରତିଶତ ଜଳ ପାନୀୟଭାବେ ଉପଯୋଗୀ। ଯାହା ସାଧାରଣତଃ ନଦୀ, ପୋଖରୀ ଓ ଭୂତଳଜଳରୁ ମିଳିଥାଏ। କିନ୍ତୁ ଭୂତଳ ଜଳର ମାତ୍ରା ସବୁଠି ସମାନ ନ ଥାଏ। ଏମିତି ଅନେକ ଯାଗା ଅଛି, ଯେଉଁଠି ଜଳର ସ୍ତର ବହୁତ ଗଭୀରକୁ ଚାଲି ଯାଇଥାଏ। ସାଧାରଣତଃ ଏହି ସ୍ତର ସେହି ଅଞ୍ଚଳର ମୃତ୍ତିକା ଉପରେ ହିଁ ନିର୍ଭର କରିଥାଏ। ନଦୀ ଅବବାହିକାରେ ହୁଏତ କମ୍ ଗଭୀରରେ ମାଟି ଖୋଳିଲେ ଜଳ ମିଳିପାରେ ମାତ୍ର ଶୁଷ୍କ ଅଞ୍ଚଳରେ ଜଳର ସନ୍ଧାନ ମିଳିବା କଷ୍ଟକର। ପୁଣି ଏମିତି କେତେକ ଅଞ୍ଚଳ ଅଛି, ଯେଉଁଠାରେ କେବଳ ନିର୍ଦ୍ଦିଷ୍ଟ କେତେକ ଋତୁରେ ହିଁ ଭୂଭାଗରେ ଗଚ୍ଛିତ ରହୁଥିବା ଜଳ ମିଳିଥାଏ। ସେହିପରି ଗ୍ରୀଷ୍ମଋତୁରେ ଜଳପରିମାଣ କମିବା ସହିତ ହଠାତ୍ ଶୁଷ୍କ ହୋଇଯାଏ। ତେଣୁ ଯେତେବେଳେ କୌଣସି ଲୋକ ପାନୀୟ ଜଳ ପାଇଁ ଖନନ କଥା ଚିନ୍ତା କରନ୍ତି, ସେମାନେ ଚିନ୍ତାରେ ପଡ଼ି ଯାଆନ୍ତି, ଯେ କେତେ ମାଟି ଖୋଳିବା ପରେ ଜଳର ସନ୍ଧାନ ମିଳିବ। ଅବଶ୍ୟ ଏହି ସମସ୍ୟାର ସମାଧାନ କରିଥାନ୍ତି ଜଳ ସନ୍ଧାନୀମାନେ। ଜଳସନ୍ଧାନ ସମ୍ପର୍କରେ ଅଭିଜ୍ଞତାସମ୍ପନ୍ନ ବ୍ୟକ୍ତିମାନେ ସେମାନଙ୍କ ଅନୁଭବ ଓ ଅନୁଭୂତିକୁ ନେଇ ବିଭିନ୍ନ ପାରମ୍ପରିକ ସୂତ୍ର ଓ ବୈଜ୍ଞାନିକ ପଦ୍ଧତିକୁ ଭିତ୍ତିକରି କହିଥାନ୍ତି ଭୂତଳ ଜଳଉତ୍ସର ଠିକଣା। ସେମିତି କେତେଜଣ ବ୍ୟକ୍ତିଙ୍କ ସମ୍ପର୍କରେ....

**ଦୁଇଟି ବାଡ଼ି ସାହାଯ୍ୟରେ ଭୂତଳ ଜଳଉତ୍ସ ବାରିପାରେ:**

ଦିନକୁ ଦିନ ଭୂପୃଷ୍ଠରେ ମଧୁର ଜଳର ଅଭାବ ପରିଲକ୍ଷିତ ହେଉଛି। ବିଶେଷକରି ଖରାଦିନେ ବିଭିନ୍ନ ସ୍ଥାନରେ ଜଳସଙ୍କଟ ଦେଖାଦେଉଥିବାର ଅନେକ ଦୃଷ୍ଟାନ୍ତ ରହିଛି। ଗାଁ ହେଉ କି ସହର ଘରୋଇଭାବେ ଜଳସଂଗ୍ରହ ପାଇଁ କେହି କେହି ନଳକୂପ, କୂପ ଆଦି ଖନନ କରିଥାନ୍ତି। ତେବେ କୂପ ଖନନ ପୂର୍ବରୁ ଭୂତଳରେ ଜଳସ୍ତର କେଉଁଠାରେ କେତେ ପରିମାଣରେ ଗଚ୍ଛିତ ରହିଛି ତାହା ଜାଣିବା ପାଇଁ ଜଳଉତ୍ସ ସମ୍ପର୍କରେ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କ ପରାମର୍ଶ ନିଆଯାଏ। ସେମିତି ଜଣେ ବ୍ୟକ୍ତି ହେଲେ ଅତୁଲ କୁମାର ରାଉତ, ଯେକି ଜଣେ ଅବସରପ୍ରାପ୍ତ ଶିକ୍ଷକ। ଘର କେନ୍ଦୁଝର ଜିଲାର ଘଟଗାଁ ବ୍ଲକ ଅନ୍ତର୍ଗତ ତରା ଗ୍ରାମରେ। ସେ କୁହନ୍ତି, କେନ୍ଦୁଝର ଜିଲା ସମେତ ରାଜ୍ୟର ଅନେକ ସ୍ଥାନରେ ଜଳ ଉତ୍ସର ସନ୍ଧାନ ପାଇଁ ଯାଇଛି। ଥରେ ଘର ପାଖରେ ଏକ କୂପ ଖନନ ପାଇଁ ଚିନ୍ତା କରିଥିଲି। ଏଠାକାର ଭୂମି ପଥୁରିଆ ହୋଇଥିବାରୁ ଉପଯୁକ୍ତ ସ୍ଥାନ ଚୟନ କରିବା ପାଇଁ ମୁଁ ଆନନ୍ଦପୁର ଅଞ୍ଚଳରେ ରହୁଥିବା ଜଣେ ବୈଷ୍ଣବ ସାଧୁଙ୍କ ଆଶ୍ରିତ ହୋଇଥିଲି। ସେହି ସାଧୁ ମତେ ଏକ ବାଡ଼ି ସହାୟତାରେ ଭୂତଳ ଜଳସନ୍ଧାନର ରହସ୍ୟ ଜଣାଇଥିଲେ। ସାଧୁଙ୍କ କାର୍ଯ୍ୟଧାରା ମୋତେ ବେଶି ପ୍ରଭାବିତ କରିଥିଲା। ସେହି ଦିନଠାରୁ ସେହି ସାଧୁଙ୍କ ପାଖରୁ ଶୁଣିଥିବା ଜଳଉତ୍ସ ରହସ୍ୟର କଥା, କୌଶଳକୁ ଶିଖିବା ପାଇଁ ମନ ବଳାଇଥିଲି। ତା'ପରେ ଏହି କାର୍ଯ୍ୟକୁ ପରୀକ୍ଷା କରିବା ପାଇଁ ଗୋଟିଏ ସ୍ଥାନରେ ଜଳଉତ୍ସର ସନ୍ଧାନ କରିଥିଲି, ଏଥିରେ ସଫଳତା ମିଳିଥିଲା। ତା'ପରେ ଧୀରେ ଧୀରେ ଯାହାର କେଉଁଠି କୂପ ଖନନ ହେଲା ସେଠାରେ ଜଳଉତ୍ସର ସନ୍ଧାନ ପାଇଁ ପରାମର୍ଶ ଦେବା ଆରମ୍ଭ କଲି। ତେବେ ଗୁରୁବାର ଓ ଏକାଦଶୀ ଦିନ ଜଳଉତ୍ସ ନ ଖୋଜିବା ପାଇଁ ବାରଣ କରିଥାଏ। ଅନ୍ୟଦିନରେ ଏହି କାର୍ଯ୍ୟ କରେ। ସାଧାରଣ ଭାବେ ଦୁଇଟି ବାଡ଼ି ସାହାଯ୍ୟରେ ଭୂତଳର ଜଳଉତ୍ସ କେଉଁଠି ଅଛି ତାହା ମୁଁ ଜଣାଇଥାଏ। ତେବେ ଜଳ ଉତ୍ସ ସନ୍ଧାନକୁ ନେଇ ମୁଁ କେତୋଟି ଉପାୟ ଅବଲମ୍ବନ କରିବା ସହ ନିୟମ ମାନି ଥାଏ। ଯେମିତିକି ଯେଉଁ ବ୍ୟକ୍ତିଙ୍କ ବାଡ଼ିରେ ଗଭୀର କୂପ ପାଇଁ ଜଳଉତ୍ସ ସନ୍ଧାନ କରାଯିବ ସେହି ବ୍ୟକ୍ତିଙ୍କ ଘରେ ସେ ଅନ୍ନଭୋଜନ କରେ ନାହିଁ। ଗଭୀର ଜଳଉତ୍ସ ଚିହ୍ନଟ ପାଇଁ ସବୁଠାରୁ ବିଶ୍ୱସନୀୟ ବସ୍ତୁ ହେଉଛି ମୋ ପାଇଁ ବାଡ଼ି। ଏହି ବାଡ଼ି ପେନ୍‌ସିଲ ମୋଟେଇର, ଏହାର ଲମ୍ବ ପ୍ରାୟ ୧ଫୁଟ। ଜଳଉତ୍ସ ସନ୍ଧାନରେ ଯେଉଁଠିକୁ ଯାଏ ବାଡ଼ିଧରି ଚାଲିଲାବେଳେ ଜଳଉତ୍ସ ଦେଖିଲେ ବାଡ଼ି ହାତରେ ବୁଲିଥାଏ। ସେହିପରି ନଡ଼ିଆକୁ ପାପୁଲିରେ ରଖି ଜଳଉତ୍ସ ଖୋଜିବା ସମୟରେ ତାହା ଛିଡ଼ା ହୋଇଯାଇଥାଏ। ବିଗତ ୨୨ବର୍ଷ ମଧ୍ୟରେ ପ୍ରାୟ ୬ହଜାରରୁ ଊର୍ଦ୍ଧ୍ୱ ଗଭୀର ନଳକୂପ ପାଇଁ ଜଳଉତ୍ସର ସନ୍ଧାନ ମୁଁ ଦେଇସାରିଛି। ଏମିତିରେ ନଳକୂପ ଓ କୂପ ପାଇଁ ସ୍ଥାନ ନିରୂପଣ କରିବାରେ ଅନେକ ଅନୁଭୂତି ରହିଛି। ଜଳ ସନ୍ଧାନ ପାଇଁ ମୋର ନିଆରା ପରିଚୟ ସୃଷ୍ଟି ହୋଇପାରିଛି। ସେ ଜଳସନ୍ଧାନ କରିଥିବା ଜଣେ ବ୍ୟକ୍ତି ହେଲେ କେନ୍ଦୁଝର ଜିଲାର ମହେନ୍ଦ୍ର ଦାସ। ସେ କୁହନ୍ତି, ଆମର ଏକ ପଡ଼ିଆ ଜାଗାରେ ଏକ ବୋରୱେଲ ଖୋଳିବାର ଥାଏ। ଏଥିପାଇଁ ଆମେ ଅତୁଲ ରାଉତଙ୍କୁ ଡ଼ାକିଥିଲୁ। ତାଙ୍କର ପରାମର୍ଶରେ ଜଳର ସନ୍ଧାନ ପାଇ ସ୍ଥାନ ନିରୂପଣ କରାଯାଇଥିଲା। ଆଉ ଜଳର ଭଲ ଉତ୍ସ ମିଳିଥିଲା।

**ଅଲୌକିକ ଅନୁଭୂତିରେ ଦୃଶ୍ୟମାନ ହୁଏ ଜଳଉତ୍ସ:**

ବଲାଙ୍ଗୀର ଜିଲାରେ ବହିଯାଇଛି ଉନ୍ଦେର, ଲାନ୍ଥ, ସୁକ୍‌ତେଲ, ତେଲ ଓ ଅଙ୍ଗ ଭଳି କେତେକ ନଦୀ। ମାତ୍ର କୌଣସି ନଦୀରେ ଜଳ ଗଚ୍ଛିତ ହୋଇ ରହେ ନାହିଁ। ବର୍ଷାଦିନେ ନଦୀର ପାଣି ସ୍ରୋତରେ ବୋହିଯାଇ ସମୁଦ୍ରରେ ମିଶିଥାଏ। ଖରାଦିନେ କ୍ରମଶଃ ନଦୀଗୁଡ଼ିକ ଶୁଷ୍କ ହୋଇପଡ଼େ, ଯାହାର ପ୍ରତିକୂଳ ପ୍ରଭାବ ଭୂତଳ ଜଳ ଉପରେ ପଡ଼ିଥାଏ। ଏଭଳି ପରିସ୍ଥିତିରେ ମଧୁର ଜଳର ଆବଶ୍ୟକତା ପୂରଣ ପାଇଁ ପାରମ୍ପରିକ ଜଳଉତ୍ସ ଗୁଡ଼ିକର ଆବଶ୍ୟକତା ପଡ଼ିଥାଏ। ତେବେ ମାଟିତଳେ ସବୁସ୍ଥାନରେ ଜଳଉତ୍ସ ସମାନ ନ ଥାଏ। କେଉଁଠାରେ ଅଧିକ ପରିମାଣରେ ଜଳଉତ୍ସ ରହିଛି ତାହା ଜାଣିବା ପାଇଁ କେହି କେହି ଜଳ ସନ୍ଧାନୀଙ୍କ ପରାମର୍ଶ ନେଇଥାନ୍ତି। ଏମିତି ଜଣେ ଜଳ ସନ୍ଧାନୀ ହେଲେ ବଲାଙ୍ଗୀର ଜିଲାର ରମାଇ ଟକିଜ୍ ରୋଡ଼ରେ ରହୁଥିବା ବିଶିଷ୍ଟ ବ୍ୟବସାୟୀ ଟିକମ୍ ଚାନ୍ଦ ଜୈନ। ସେ କୁହନ୍ତି– ଭୂତଳରେ ଜଳସନ୍ଧାନ କରିବା ଭାରି କଷ୍ଟକର। ୨ହଜାର ମସିହାରେ ମା' ବୈଷ୍ଣୋଦେବୀଙ୍କ ପୀଠକୁ ଯାଇଥିଲି। ସେଠାରେ ଜଣେ ସାଧୁଙ୍କ ଚରଣ ସ୍ପର୍ଶ →




ଅତୁଲ ରାଉତ

କରିବାରୁ ସେ ମୋତେ ଆଶୀର୍ବାଦ ଦେଇଥିଲେ। ଗାଁରେ ସେତେବେଳେ ପାନୀୟଜଳର ସମସ୍ୟା ଥିଲା । ସେକଥା ସାଧୁଙ୍କୁ ଜଣାଇଥିଲି। ସେ କହିଥିଲେ ତୁ ଯା, ତୋତେ ପାଣି ଦେଉଛି, ଜଗତର କଲ୍ୟାଣ କରିବୁ। ସେତେବେଳେ ସାଧୁଙ୍କ ଏହି କଥାର ଖିଅକୁ ଠିକ୍‌ରେ ଜାଣିପାରିନଥିଲି। ମାତ୍ର ବୈଷ୍ଣୋଦେବୀଙ୍କ ପୀଠରୁ ଗାଁକୁ ଫେରିବା ପରେ ଗାଁ ନିକଟସ୍ଥ ଏକ ବାଳାଶ୍ରମକୁ ଯାଇଥିଲି। ସେଠାରେ ପିଲାଙ୍କ ପାଇଁ ପାନୀୟଜଳ ନିମନ୍ତେ ଏକ ନଳକୂପ ଖୋଳିବାକୁ ନିଷ୍ପତ୍ତି ନେଲି। ପରିଚାଳନା କମିଟିର ସଦସ୍ୟମାନେ ଏହି ବାଳାଶ୍ରମ ପରିସରରେ ନଳକୂପ ଖୋଳିବା ପାଇଁ ସ୍ଥାନ ଖୋଜୁଥିଲେ, ଯେଉଁଠାରେକି ଅଧିକ ପରିମାଣରେ ପାଣି ମିଳିପାରିବ। ସେଥିପାଇଁ ଏହି ପରିସରରେ ଘୂରିବୁଲୁଥାଏ। ଆଶ୍ଚର୍ଯ୍ୟଜନକ ଭାବେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ମୋର ଆଖି ହଠାତ୍ ବନ୍ଦ ହୋଇଗଲା। ସେହି ମୁଦ୍ରିତ ନୟନରେ ମତେ ପ୍ରଚୁର ପାଣି ଥିବାର ଦୃଶ୍ୟ ଅନୁଭବ କଲି। ସେହି ସ୍ଥାନରେ ନଳକୂପ ଖନନ ପାଇଁ ପରାମର୍ଶ ଦେବାରୁ ତାହା ସଫଳ ହୋଇଥିଲା। ତେବେ ମା ବୈଷ୍ଣୋଦେବୀଙ୍କ ପୀଠର ସେହି ସାଧୁଙ୍କ କଥାକୁ ସ୍ମରଣକରି ସେହିଦିନ ଠାରୁ ବିଭିନ୍ନ ସ୍ଥାନରେ ଜଳଉତ୍ସର ସନ୍ଧାନ ସମ୍ପର୍କରେ ସୂଚନା ଦେଇଆସୁଛି। ଏଯାଏ ପ୍ରାୟ ୨ହଜାରରୁ ଅଧିକ ନଳକୂପ ପାଇଁ ଜଳଉତ୍ସର ସନ୍ଧାନ କରିସାରିଲିଣି। ପୁଣି ବରଗଡ଼ ଜିଲାର ପାଇକମାଳସ୍ଥିତ ବାଲନିକେତନଠାରେ ଏକ ନଳକୂପ ଖନନ ପାଇଁ ଜଣେ ବ୍ୟକ୍ତି ଏକ ନଡ଼ିଆ ସାହାଯ୍ୟରେ ଜଳର ସନ୍ଧାନ କିପରି ମିଳିବ କହିଥିଲେ। ସେହି କଥାର ବିଶ୍ୱାସକୁ ପରୀକ୍ଷା କରି ସେହି କୌଶଳରେ ମଧ୍ୟ ଜଳଉତ୍ସର ସନ୍ଧାନ କରିପାରୁଛି। ଏହି ଜଳଉତ୍ସର ସନ୍ଧାନ ପାଇଁ ଆଜି ସୁଦ୍ଧା କାହାରିଠାରୁ ପଇସା କିଛି ନେଇନାହିଁ। ଏହା ଏକ ଜନସେବା ବୋଲି ଭାବିଛି। ପ୍ରକୃତରେ ଜଳସନ୍ଧାନ ପାଇଁ ସ୍ୱତନ୍ତ୍ର ଭାବେ କୌଣସି ପୂଜାବିଧି ନାହିଁ, କିନ୍ତୁ ଯେଉଁପରିବାରଙ୍କ ଜଳଉତ୍ସ ପାଇଁ କାର୍ଯ୍ୟ କରେ ତାଙ୍କ ଘରର ସଦସ୍ୟମାନେ ପବିତ୍ରତା ପାଇଁ ଶୁଦ୍ଧ ଶୌଚ ହୋଇ ଈଶ୍ୱରଙ୍କୁ ସ୍ମରଣ କରନ୍ତି । ସେଦିନ ସେଠାରେ କାହାରିଠାରୁ ଚା' କି ପାଣି ମଧ୍ୟ ପିଇ ନ ଥାଏ। ଯେତେବେଳେ ଜଳ ସନ୍ଧାନ ମିଳେ ତା'ପରେ ଭୋଜନ କରିଥାଏ। ସକାଳବେଳା ଜଳ ସନ୍ଧାନ କଲେ ଭଲ। ନଡ଼ିଆ ହାତରେ ଧରି ଏକ କୌଶଳକୁ ଅବଲମ୍ବନ କରି ଜଳସନ୍ଧାନ କରିଥାଏ। ଯେତେବେଳେ ନଡ଼ିଆଟି ହଲିବାକୁ ଲାଗେ ସେଠାରେ ଜଳଉତ୍ସ ଥିବାର ଅନୁମାନ କରିଥାଏ। ପାଣିର ସ୍ରୋତ ଯେତେ ଅଧିକ ଥାଏ ନଡ଼ିଆ ସେତେ ବେଗରେ ହଲିଥାଏ। ଯେବେ ନଡ଼ିଆ ହାତରୁ ଖସିପଡ଼େ ସେହି ସ୍ଥାନରେ ନଳକୂପ ଖନନ ପାଇଁ କହିଥାଏ। ଟିକମ୍ ଚାନ୍ଦ ଜଳ ସନ୍ଧାନ କରିଥିବା ଜଣେ ବ୍ୟକ୍ତି ହେଲେସିଧେଶ୍ୱର ମିଶ୍ର। ସେ କୁହନ୍ତି, ଏକ ନଳକୂଅ ପାଇଁ ପ୍ରଥମେ ତିନୋଟି ସ୍ଥାନକୁ ନିରୁପଣ କରାଯାଇଥିଲା । ମାତ୍ର ସେହି ସେହି ସ୍ଥାନରେ ଜଳ ପଡ଼ିଲା ନାହିଁ। ପରେ ଟିକମଚାନ୍ଦ ଜୈନଙ୍କୁ ଡ଼ାକି ତାଙ୍କ ପରାମର୍ଶରେ ଆଉ ଏକସ୍ଥାନକୁ ନିରୁପଣ କରାଯାଇଥିଲା, ଯେଉଁଠିକି ପାଣିର ଉତ୍ସ ମିଳିଥିଲା।

**ବୈଦ୍ୟୁତିକ ଉପକରଣ ଜରିଆରେ ଭୂତଳ ଜଳଉତ୍ସ ଜାଣିହୁଏ:** ଆର. ଡ଼ବ୍ଲୁ.ଏସ.ଏସର ଜଣେ ଅବସରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ହେଲେ ଲକ୍ଷ୍ମୀ ଧର ଦାଶ ସେ କୁହନ୍ତି ଭୂତଳ ଜଳ ଉନ୍ନୟନ ବିଭାଗ –ଭୂତଳ ଜଳସ୍ତର ଅନୁଧ୍ୟାନ କରିବା ଏକ ବୈଜ୍ଞାନିକ ପଦ୍ଧତି। ବିଭିନ୍ନ ବୈଦ୍ୟୁତିକ ଉପକରଣ ଜରିଆରେ ପରୀକ୍ଷଣ ପରେ ହିଁ ଭୂତଳ ଜଳଉତ୍ସ ସମ୍ପର୍କରେ ଜାଣିହୁଏ। ଏଥିପାଇଁ ଆଜିକାଲି ଭୂତଳ ଜଳ ଉନ୍ନୟନ ବିଭାଗ ଅତ୍ୟାଧୁନିକ ବୈଦ୍ୟୁତିକ ଉପକରଣ ରଖିଛନ୍ତି। ଉକ୍ତ ଯନ୍ତ୍ର ସାହାଯ୍ୟରେ ପ୍ରାୟ ୨ମିଟର ଗଭୀର ପର୍ଯ୍ୟନ୍ତ ଭୂତଳ ଜଳସନ୍ଧାନ କରିହୁଏ। ଶବ୍ଦ ପରୀକ୍ଷଣ ପ୍ରକ୍ରିୟାରେ ଜଳସ୍ତରକୁ ମାପ କରାଯାଇଥାଏ। ମିଟର ଯେଉଁ ସ୍ଥାନରେ ରଖାଯାଏ ସେଠାରେ ଅର୍ଦ୍ଧଚନ୍ଦ୍ରାକାର ପରିଧିରେ ଭୂତଳ ସର୍ବେକ୍ଷଣ ରିପୋର୍ଟ ଆସିଥାଏ। ସେହି ରିପୋର୍ଟ ଆଧାରରେ ଉକ୍ତ ସ୍ଥାନରେ ପାଣି ଅଛି କି ନା ଜାଣିହୁଏ। ମାତ୍ର ସରକାରୀସ୍ତରରେ ବିଭିନ୍ନ ପଦ୍ଧତିକୁ ବ୍ୟବହାର କରାଯାଇ ଥାଏ। ବିଭିନ୍ନ ସ୍ଥାନରେ ଜଳଉତ୍ସ ଭିନ୍ନ ଥାଏ । ତେବେ କେତେକ ପାରମ୍ପରିକ କୌଶଳକୁ ଅବଲମ୍ବନକରି ଜଳ ସନ୍ଧାନ କରିବା ପୂର୍ବରୁ ପ୍ରାୟ ସବୁ ସ୍ଥାନରେ ପୂଜାର୍ଚ୍ଚନା କରାଯାଇଥାଏ। ଏହି ପୂଜାର୍ଚ୍ଚନାର ବିଧି ବିଭିନ୍ନ ସ୍ଥାନରେ ଭିନ୍ନ ହୋଇଥାଏ।ଆକାଶିଆ, ଜଝାଙ୍ଗି,ଅଥବା ଫାଶି ଗଛର 'ଭି'Vପରି ରହିଥିବା କାଠିକୁ ନେଇ ଜଳଉତ୍ସ ଅଛି କି ନା ଖୋଜାଯାଏ। ଭି ପରି କାଠିଟି ସ୍ପ୍ରିଙ୍ଗପରି ଯେପରି କାମକରୁଥିବ ସେଥିପ୍ରତି ନଜର ଦେବାକୁ ପଡ଼ିଥାଏ। ଏହି ଭି ପରି କାଠିର ଅଗ୍ରଭାଗରେ ଦୁଇମୁଣ୍ଡକୁ ଦୁଇ ହାତରେ ଧରି ଉତ୍ତର ଦକ୍ଷିଣ ଦିଗ ଓ ପୂର୍ବ ପଶ୍ଚିମ ଦିଗ କୁ ଯିବାକୁ ପଡ଼ିବ। ଯେଉଁଠି ଜଳ ଉତ୍ସ ଥିବ ସେଠାରେ କାଠିଟି ଭି ପରି ଉପରକୁ ଉଠିଯିବ। ଜଳଉତ୍ସର ୫ଫୁଟ କିମ୍ବା ୧୦ଫୁଟ ପୂର୍ବରୁ ଲକ୍ଷଣ ଜଣାପଡ଼ିବ। ଅନ୍ୟପକ୍ଷେ ଉତ୍ତର ଦକ୍ଷିଣ ଦିଗ ଓ ପୂର୍ବ ପଶ୍ଚିମ ଦିଗକୁ ଜଳଉତ୍ସ ଜଣାପଡ଼ିଲେ ତାହା ସେଠାରେ କ୍ରସ କରିବ। ଭଲପାଣି ପଡ଼ିବ। ମୋ ଚାକିରି କାଳ ଭିତରେ ପ୍ରାୟ ୧୩୨ଟି ଜଳଉତ୍ସ ଚିହ୍ନଟ କରିସାରିଛି। ଆଜିକାଲି ଅନେକ ବ୍ୟକ୍ତି ଘରୋଇ ଭାବେ ପାରମ୍ପରିକ କୌଶଳକୁ ନେଇ ଜଳଉତ୍ସର ସନ୍ଧାନ କରିଥାନ୍ତି ।



ବୈକୁଣ୍ଠ ବିହାରୀ ମିଶ୍ର

**ଦୁଇଟି ପାରମ୍ପରିକ ପ୍ରଣାଳିରେ ଜଳଉତ୍ସର ସନ୍ଧାନ କରେ:** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅନ୍ତର୍ଗତ ବେନ୍ଦ୍ରା ଗାଁର ବୈକୁଣ୍ଠ ବିହାରୀ ମିଶ୍ର ବି ଜଣେ ଜଳ ସନ୍ଧାନୀ। ବୃତ୍ତିରେ ସେ ଜଣେ ଶିକ୍ଷାବିତ୍ ମାତ୍ର ନିଶା ଭୂତଳ ଜଳଉତ୍ସର ସନ୍ଧାନ କରିବା। ସେ କୁହନ୍ତି, '୧୯୯୫ ମସିହାଠାରୁ ଭୂତଳ ଜଳଉତ୍ସ ସନ୍ଧାନରେ ଲାଗିଛି। ଶିକ୍ଷକତା ବୃତ୍ତିରୁ ୨୦୦୪ରୁ ଅବସର ନେଇସାରିଛି। ଆଉ ଏବେ ଜଳଉତ୍ସ ସନ୍ଧାନକୁ ଅଧିକ ଗୁରୁତ୍ୱ ଦେଉଛି। ବଲାଙ୍ଗୀର ଜିଲାର ଜଣେ ସୁନାମଧନ୍ୟ ଡାକ୍ତର ସୁବାସ ଚନ୍ଦ୍ର ରଥଙ୍କଠାରୁ ଥରେ ଏହି ଜଳଉତ୍ସ ସନ୍ଧାନ ବିଷୟରେ କିଛି ଜାଣିଥିଲି। ପରେ ଏହାକୁ ନେଇ ପରୀକ୍ଷା କରି ସଫଳତା ପାଇଲି । ସ୍ୱର୍ଗତଃ ରଥ ଜଣେ ଡାକ୍ତର ଥିଲେ ମଧ୍ୟ ସେ ବିଭିନ୍ନ ବିଷୟରେ ଗବେଷଣା କରୁଥିଲେ। ତାଙ୍କଠାରୁ ଶୁଣିଥିଲି ସେ ଏକ ଇଂରାଜୀ ପତ୍ରିକାରୁ ଜଳସନ୍ଧାନ ବିଷୟରେ ପଢିବା ପରେ ଗବେଷଣା ପାଇଁ ଆଗ୍ରହୀ ହୋଇଥିଲେ। ତେବେ ଇଂଲିଶ ୱାଇ(y) ଅକ୍ଷର ଭଳି ଦେଖାଯାଉଥିବା ଏକ ବାଡ଼ି ସାହାଯ୍ୟରେ ସେ ଜଳସନ୍ଧାନ କରୁଥିଲେ। ତାଙ୍କଠାରୁ ଏହା ଦେଖିଦେଖି ଗବେଷଣା ପ୍ରତି ଆକୃଷ୍ଟ ହୋଇ ଏହି କାର୍ଯ୍ୟରେ ମନୋନିବେଶ କଲି। ଡ. ରଥଙ୍କ ପରଲୋକ ପରେ ନିଜେ ଏହା ଉପରେ ଗବେଷଣା କରି କରି ଜଳସନ୍ଧାନର ଉପାୟ ଖୋଜି ବାହାର କରିବାରେ ସଫଳ ହେଲି। ଜଳର ସନ୍ଧାନ ପାଇଁ ୱାଇ ଅକ୍ଷର ଆକୃତିର ଏକ ବାଡ଼ିକୁ ଗଭୀର ମାଟିତଳେ ରଖି ପରୀକ୍ଷା କରିଥାଏ। ଏମିତିକି ନଡ଼ିଆର ସାହାଯ୍ୟ ବି ନେଇଥାଏ। ବାଡ଼ି ଓ ନଡ଼ିଆ ଏହି ଦୁଇଟି ପଦ୍ଧତିରେ ଜଳଉତ୍ସ ସନ୍ଧାନ ମୁଁ କାର୍ଯ୍ୟ କରିଆସୁଛି। ପ୍ରାୟ ୮ହଜାରରୁ ଉର୍ଦ୍ଧ୍ୱ ସ୍ଥାନରେ ଏମିତି ଜଳଉତ୍ସର ସନ୍ଧାନ କରିସାରିଲିଣି। ଏହାଦ୍ୱାରା ଲୋକଙ୍କ ପାଇଁ ମଧୁର ପାନୀୟ ଜଳର ଠିକଣା ଖୋଜିପାରୁଛି।' ଟିକିରାପଡ଼ାର ଆଶୁତୋଷ ତ୍ରିପାଠୀ କୁହନ୍ତି, 'ବଲାଙ୍ଗୀର ରେଳ ଷ୍ଟେଶନ ନିକଟସ୍ଥ ଅଞ୍ଚଳରେ ଆମେ ନୂଆ ଘର ତିଆରି କରିଥିଲୁ। ସେଠାରେ ବୋରୱେଲ ଖନନ ତଥା ପାଣିର ସନ୍ଧାନ ନିମନ୍ତେ ମୁଁ ବୈକୁଣ୍ଠ ବିହାରୀ ମିଶ୍ରଙ୍କ ପରାମର୍ଶ ନେଇଥିଲି। ସେ ଜଳର ସଠିକ୍ ସନ୍ଧାନ କରିଥିଲେ। ଏବେ ଆମେ ନିରନ୍ତର ଭଲରେ ପାଣି ପାଉଛୁ।'


ଲକ୍ଷ୍ମୀଧର ଦାଶ

ଭୂତଳ ଜଳସ୍ତର ଯେଉଁଭଳିଭାବେ କମିବାରେ ଲାଗିଛି କେତେ ଖନନ କଲେ ଜଳର ସନ୍ଧାନ ମିଳିବ ତାହା ଏକ ସମସ୍ୟା ହୋଇଥିବାବେଳେ ଉଭୟ ବୈଜ୍ଞାନିକ ପଦ୍ଧତି ଓ ପାରମ୍ପରିକ ଜ୍ଞାନ କୌଶଳକୁ ଭିତ୍ତିକରି ଜଳଉତ୍ସର ସନ୍ଧାନ କରାଯାଉଛି।

**–ବନବିହାରୀ ବେହେରା, ବିରେନ୍ଦ୍ର ଝାଂକର, ଲୋକନାଥ ମିଶ୍ର, ରାଜେନ୍ଦ୍ର ପଟ୍ଟନାୟକ**


ଟିକମ୍ ଚାନ୍ଦ ଜୈନ



# ଅନୁବାଦିକା ଶକୁନ୍ତଳା

**ଦୁଇଟି ଭାଷା ମଧ୍ୟରେ ସଂଯୋଗ ସେତୁ ହେଉଛି ଅନୁବାଦ, ଯାହା ବିଶ୍ୱର କୋଣ ଅନୁକୋଣରେ ଥିବା ଲେଖକମାନଙ୍କୁ ପାଠକଙ୍କ ସହିତ ଯୋଡ଼ିଥାଏ।**





ଦୁଇଟି ଭାଷା ମଧ୍ୟରେ ସଂଯୋଗ ସେତୁ ହେଉଛି ଅନୁବାଦ, ଯାହା ବିଶ୍ୱର କୋଣ ଅନୁକୋଣରେ ଥିବା ଲେଖକମାନଙ୍କୁ ପାଠକଙ୍କ ସହିତ ଯୋଡ଼ିଥାଏ ବୋଲି କୁହନ୍ତି ବିଶିଷ୍ଟ ଅନୁବାଦିକା ଡକ୍ଟର **ଶକୁନ୍ତଳା ବଳିଆରସିଂହ**। ପିତା ବେଣୁଧର ବଳିଆରସିଂହ(ଡାକ୍ତର ଓ ପୂର୍ବତନ ମନ୍ତ୍ରୀ) ଓ ବୋଉ ସୁଲୋଚନା ଦେବୀ। ୧୯୪୮ମସିହା ଫେବୃୟାରୀ ୧୮ ତାରିଖ ଖୋର୍ଦ୍ଧା ଜିଲାର ନରଣଗଡ଼ ଗ୍ରାମରେ ଶକୁନ୍ତଳାଙ୍କ ଜନ୍ମ। ନିଜ ଗାଁ ସ୍କୁଲରେ ହିଁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିଥିଲେ ସେ। ପରେ ରେଭେନ୍‌ଶା ଗର୍ଲ୍ସ ହାଇସ୍କୁଲରୁ ଏକାଦଶ ପାସ୍ କରି ବର୍ଷଟେ ଶୈଳବାଳାରେ ପଢ଼ିଥିଲେ। ପଢ଼ା ସମୟରେ ହିଁ ତାଙ୍କର ବିବାହ ହୋଇଥିଲା। ସ୍ୱାମୀ ଥିଲେ ଡାକ୍ତର ସୁଧାକର ସାମନ୍ତସିଂହାର। ସେ ହିଁ ଶକୁନ୍ତଳାଙ୍କୁ ଆଗକୁ ପଢିବା ଲାଗି ପ୍ରୋତ୍ସାହନ ଦେଇଥିଲେ। ଯାହାଫଳରେ ଶକୁନ୍ତଳା ଓଡ଼ିଆ ଭାଷା ସାହିତ୍ୟରେ ରେଭେନ୍‌ଶା କଲେଜରୁ ଏମ୍‌ଏ ପାସ୍ କରି ଅଧ୍ୟାପନା ବୃତ୍ତିଆପଣେଇ ଥିଲେ। ସେ ଓଡ଼ିଆରେ ଜାତୀୟତାବାଦୀ ସାହିତ୍ୟ ଉପରେ ଗବେଷଣା କରି ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ବିଜେବି ଓ ରମାଦେବୀରେ ଅଧ୍ୟାପିକା ରହି ରାଜଧାନୀ କଲେଜର ପ୍ରିନ୍ସିପାଲ୍ ପଦରୁ ଅବସର ଗ୍ରହଣ କରିଛନ୍ତି। ପିଲାଦିନର ସ୍ମୃତିକୁ ମନେପକାଇ ସେ କୁହନ୍ତି, ପ୍ରକୃତିର ସୌନ୍ଦର୍ଯ୍ୟ ମୋତେ ବିଭୋର କରିଦିଏ। ଜେଜିମା କୋଳରେ ଶୋଇ କାହାଣୀ ଶୁଣିବା ବେଳେ ମୁଁ ହଜିଯାଏ କାହାଣୀ ଭିତରେ। ବୋଧହୁଏ ସେଇ କାହାଣୀ ହିଁ ମୋତେ ପରବର୍ତ୍ତୀ ସମୟରେ ସର୍ଜନା ପ୍ରତି ଆକୃଷ୍ଟ କରିଥିଲା। ତେବେ ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରଚନା, କାବ୍ୟ କବିତା ପଢ଼ି ମୁଁ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲି । ପ୍ରବନ୍ଧ ଲେଖିବା ମୋର ପ୍ରଥମ ପସନ୍ଦ ଥିଲା। ଧୀରେ ଧୀରେ କଲେଜ ମାଗାଜିନ୍ ସହିତ ବହୁ ପତ୍ରିକାରେ ମୋର ଲେଖା ପ୍ରକାଶିତ ହେଲା। ଉତ୍କଳ ବିଶ୍ୱବିଦ୍ୟାଳୟରୁ ମୋର ଏକ ଲେଖା ପାଇଁ ପ୍ରଥମ ଥର ମୋତେ ୧୦୦ ଟଙ୍କା ପୁରସ୍କାର ମିଳିଥିଲା। ଯାହା ମୋ ପାଇଁ ଅମୂଲ୍ୟ ଥିଲା। ରେଭେନ୍‌ଶା ଲାଇବ୍ରେରିରେ ମୁଁ ନିୟମିତ ପାଠିକା ଥିଲି। ପ୍ରଥମଥର ପାଇଁ ପାଠାଗାରରେ ଏତେସଂଖ୍ୟକ ବହି ଦେଖି ମୋ ଆନନ୍ଦର ସୀମା ନଥିଲା। ଲାଗୁଥିଲା ବହି ଥାକ ଭିତରୁ ଯେପରି ସହସ୍ର ଇନ୍ଦ୍ରଧନୁର ଛାଇ ବିଚ୍ଛୁରିତ ହେଉଛି । ସେଠାରେ ଅନେକ ଅନୁବାଦ ପୁସ୍ତକ ଥିଲା। ସେସବୁ ପଢିବା ପରେ ଅନୁଭବ କଲି ଭଲ ବହିଗୁଡ଼ିକ ପଢ଼ିବାର ସୁଯୋଗ ସଭିଙ୍କୁ ମିଳିବା ଉଚିତ। ମନରେ ପ୍ରଶ୍ନ ଉଠିଲା ଓଡ଼ିଆ ଭାଷାରେ ଅନୁବାଦ ପାଇଁ ସ୍ୱତନ୍ତ୍ର ପତ୍ରିକା ନାହିଁ କାହିଁକି। କିପରି ଗୋଟିଏ ଅନୁବାଦ ପତ୍ରିକା ପ୍ରକାଶ ହେବ। ଅନୁବାଦ ସାହିତ୍ୟ ପ୍ରତି ଆଗ୍ରହୀ ହେଲି। ଦୀର୍ଘ ଦିନର ଅଭିଳାଷ ପୂରଣ କରି ୧୯୯୭ ମସିହା ଅକ୍ଟୋବରରେ ମୋ ହାତକୁ ଆସିଲା 'ଶତଭିଷା'। ଲାଗୁଥିଲା ଯେପରି ଲେଖକ ଓ ପାଠକମାନେ ଏପରି ଏକ ପତ୍ରିକା ପ୍ରକାଶ ଅପେକ୍ଷାରେ ଥିଲେ। ଅନେକ ଅନୁବାଦ ଆସି ପହଞ୍ଚିଲା। ଅନୁବାଦ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକରେ ବହୁ କର୍ମଶାଳା ଆୟୋଜିତ ହେଲା। ସେଦିନର ଶତଭିଷା ଆଜି ରୌପ୍ୟ ଜୟନ୍ତୀ ପାଳନ କରିସାରିଛି। ଏହାଛଡା ସେ ୨୦୦୦ ମସିହାରୁ ଓଡ଼ିଶା ଲେଖିକା ସଂସଦର ସାଧାରଣ ସମ୍ପାଦିକା ରୂପେ କାମ କରି ଆସୁଛନ୍ତି। ତାଙ୍କ ରଚିତ 'ବହୁଧା ନନ୍ଦିନୀ' ଉପନ୍ୟାସ ସୀତାଙ୍କ ଚରିତ୍ର ଉପରେ ଆଧାରିତ। ଦେଶ,ବିଦେଶରେ ସାହିତ୍ୟ ଓ ଶିକ୍ଷାଭିତ୍ତିକ ଆଲୋଚନା ଚକ୍ରରେ ଭାଗ ନେଇ ଓଡ଼ିଶା ପାଇଁ ଗୌରବ ଆଣିଥିବା ଲେଖିକା, ନିଜ ସଫଳତାର ଶ୍ରେୟ ପିତା, ମାତା ଓ ଗୃହ ଶିକ୍ଷକ ଜନାର୍ଦ୍ଦନ ପ୍ରହରାଜ ସାର୍‌ଙ୍କୁ ଦିଅନ୍ତି। ପିଲାଦିନୁ ସାର୍‌ଙ୍କ ଆକଟ, ନିର୍ଦ୍ଦେଶ ମୋତେ ବାଟ ଚାଲିବାର ଶକ୍ତି ଦେଇଛି। ମହାମହିମ ରାଷ୍ଟ୍ରପତି ନିକଟରେ ରମାଦେବୀ କଲେଜ ଆସିଥିବା ସମୟରେ କିଛି ପୁରୁଣା ସ୍ମୃତି ବଖାଣିଥିଲେ। ସେ ଭିତରେ ପଦଟିଏ ଥିଲା (ମୋର ଜଣେ ଅଧ୍ୟାପିକା ଥିଲେ ଶକୁନ୍ତଳା ବଳିଆରସିଂହ) ଆଜି ଶ୍ରେଷ୍ଠ ଆସନରେ ବିଭୂଷିତା ଛାତ୍ରୀ ମୋର ମୋତେ ମୋ ଶିକ୍ଷାଦାନ ପାଇଁ ମନେ ରଖିଛନ୍ତି । ଏହି ସମ୍ମାନ ମୋ ଶିକ୍ଷକ ଜୀବନର ଶ୍ରେଷ୍ଠ ଉପହାର। ଦୁଇ ଝିଅ ଲିପିଶ୍ରୀ ନାୟକ ଓ ଲେଖାଶ୍ରୀ ସାମନ୍ତ ସିଂହାର ଏବଂ ପୁଅ ପୁଷ୍ପରାଜ ସାମନ୍ତସିଂହାରକୁ ନେଇ ତାଙ୍କ ସଂସାର। ସାହିତ୍ୟ ସାଧନାରେ ନିଜକୁ ହଜାଇ ଦେଇଥିବା ଶକୁନ୍ତଳା ଢେଙ୍କାନାଳର କୁରୁଣ୍ଟି ଠାରେ ପ୍ରତିଷ୍ଠା କରିଛନ୍ତି ଡକ୍ଟର ସୁଧାକର ସାମନ୍ତସିଂହାର ବିଦ୍ୟାଳୟ। ସେ କୁହନ୍ତି, ସାହିତ୍ୟିକମାନେ ପାଠକଙ୍କ ରୁଚିକୁ ଦୃଷ୍ଟିରେ ରଖି ସାହିତ୍ୟ ରଚନା କରିବା ଉଚିତ। ଓଡ଼ିଆ ଭାଷା ସାହିତ୍ୟ ବିସ୍ତାରିତ ହେଉ। 'ମୋ ମାତୃଭାଷା ଓଡ଼ିଆ', 'ବାଲିଘର', 'ପ୍ରସଙ୍ଗରୁ ପ୍ରବନ୍ଧ', 'ଭିନ୍ନ ମାଟି ଭିନ୍ନ ଆକାଶ', 'କାବେରୀ ଭଳି ଝିଅଟିଏ','ଝଡ଼ର ଇଗଲ୍' ଇତ୍ୟାଦି ୩୭ଟି ପ୍ରକାଶିତ ଓ ଅନୁବାଦ ପୁସ୍ତକର ରଚୟିତା। ଶକୁନ୍ତଳା ରାଜ୍ୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ସହିତ ଅନେକ ଅନୁଷ୍ଠାନ ତରଫରୁ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି।



*– ପ୍ରିୟମ୍ବଦା ରଥ (ଆର୍ କେ ପୁରମ୍, ସେକ୍ଟର ୪,ନୂଆଦିଲ୍ଲୀ)*
*ମୋ: ୦୮୬୮୮୯୫୭୮୦୦*





# ସାବିତ୍ରୀ

-ସୁପ୍ତି କର

ଟରବର କରି ପୂଜା ସାରୁଛି ସୁମି। ଇଟାଭାଟିରେ କାମ କରି ନ ଗଲେ ପକ୍ଷାଘାତରେ ବେମାର ପଡ଼ି ଖଟରେ ଶୋଇଥିବା ପତିର ପେଟକୁ ଦାନା, ଔଷଧ ପାଣିର ଖର୍ଚ୍ଚ କୁଆଡୁ ଆଣିବ ? ଦିନେ ନ ଗଲେ ମ୍ୟାନେଜର ସେଇ ଦିନର ମଜୁରୀ କାଟିଦେବ। ଖଟିଖିଆଙ୍କ ପୂଜାପର୍ବ ପୁଣି କଣ ? ତାଙ୍କର ତ କର୍ମ ହିଁ ପୂଜା । ଖଟିଲେ ଖାଇବେ, ନ ହେଲେ ଓପାସ । ଗୁଡ଼, ଆମ୍ବ ଦୁଇଟା, ନଡ଼ିଆ ଓ ଫୁଲ ଟିକେ ନେଇ ପୂଜା କରି ଆସିଲା ମନ୍ଦିରରେ । ସାବିତ୍ରୀ ବ୍ରତ ବୋଲି ମନ୍ଦିରରେ ସ୍ତ୍ରୀ ଲୋକମାନେ କେତେ ରକମର ଫଳମୂଳ ଆଣିଛନ୍ତି । ଦାମୀଶାଢ଼ୀ ପିନ୍ଧି ସଜ ହୋଇ ଆଉ ଗୋଟିଏ ଲେଖାଏଁ ଶାଢ଼ୀ ପୂଜା ପାଇଁ ବି ନେଇଆସିଛନ୍ତି । ହେଲେ ତା' ପାଖରେ ତ ସାଧାରଣ ସୂତା ଶାଢ଼ୀଟିଏ । ତଥାପି ମନକୁ ଦମ୍ଭ କଲା । ରାଜୁ ଠିକ୍ ହୋଇଗଲେ ସେ ପୁଣି ଜରି ଶାଢ଼ୀ କିଣିବ । ରାଜୁ ମହାରଣା କାମ କରି ବେଶ କମାଉଥିଲା । ଏବେ ସିନା ଏଇ ବେମାରୀଟା ତାକୁ ବସେଇ ଦେଇଛି । ଯାହା ଅଳ୍ପ କିଛି ପୂଜା ପାଇଁ ନେଇଥିଲା ସେସବୁ ମା' ମହାଲକ୍ଷ୍ମୀ ଓ ପ୍ରଭୁ ନାରାୟଣଙ୍କ ପାଖେ ବାଢ଼ିଦେଲା । ଅଣ୍ଟିରୁ କାଢ଼ି ପୂଜାରୀଙ୍କୁ ଦଶ ଟଙ୍କା ଦେଲା । ପ୍ରଭୁଙ୍କ ପାଖେ ମୁଣ୍ଡପାତି, ପ୍ରଣାମ ଜଣାଇ, ଆଖିରେ ଆଖିଏ ଲୁହ ଭରି ବିନତୀ କରି କହୁଥିଲା---ଆରବର୍ଷ ସାବିତ୍ରୀକୁ ମୋ ସ୍ୱାମୀଙ୍କ ଦେହ ଠିକ୍ କରିଦିଅ ପ୍ରଭୁ । ସାତପ୍ରକାର ଫଳ ଭୋଗ ଚଢ଼େଇବି, ସବୁ ପୂଜା ବିଧିରେ କରିବି । ପୂଜାରୀ ସୁମି ହାତକୁ ଭୋଗ ବଢ଼ାଇ ଦେଉ ଦେଉ କହିଲେ ମା' ତୁମେ ବିଶ୍ୱାସ ରଖ । ସାବିତ୍ରୀ ପରା ବିଶ୍ୱାସର, ଦୃଢ଼ ସଙ୍କଳ୍ପର ନିଦର୍ଶନ । ସୁମି ଗତକାଲି ତା'ର ଶେଷ ସମ୍ବଳ ସୁନା ମଙ୍ଗଳସୂତ୍ରଟି ବନ୍ଧା ପକାଇ ଡାକ୍ତରଙ୍କ ପରାମର୍ଶରେ ରାଜୁ ପାଇଁ ଦାମୀ ଔଷଧର ବ୍ୟବସ୍ଥା କରିଛି । ପୂଜା ସାରି ଘରକୁ ଫେରି କାମକୁ ବାହାରିବା ଆଗରୁ ସୁମି ପ୍ରସାଦ ଦେଇ, ଔଷଧ ଖାଇବାକୁ ଦେଲା ରାଜୁକୁ । ରାଜୁର ପକ୍ଷାଘାତଗ୍ରସ୍ତ ଅଙ୍ଗରେ ପୂଜାରୀ ଦେଇଥିବା ପାଦୁକା ବୋଳି ଦେଇ ସୁମି କହୁଥିଲା--ତୁମେ ଠିକ୍ ହୋଇଯିବ । ଔଷଧ ଢୋକି ସାରି ରାଜୁ ଚାହିଁଲା ସୁମିର ମୁହଁକୁ । ତା'ର ମୁହଁରେ ଖେଳୁଥିଲା ଖୁସିର ଝଲକ । ତାକୁ ମନେ ହେଉଥିଲା ସତେକି ସାବିତ୍ରୀ ଅଣ୍ଟା ଭିଡ଼ିଛି ସତ୍ୟବାନର ଜୀବନରେ ଅୟୁତ ଯୁଗର ଆୟୁଷ ଖଞ୍ଜି ଦେବାକୁ ।

*-ଜେ.ଏନ ଲେନ, ଡେଲି ମାର୍କେଟ,*
*ରାଉରକେଲା-୭୬୯୦୦୧, ମୋ: ୯୪୩୮୩୯୩୮୩୮*

# ପ୍ରତିଧ୍ୱନି

-ମହାଦେବ ପ୍ରଧାନ

ହୁଏତ ମୁଁ
ଜନାକୀର୍ଣ୍ଣ ସହର ପ୍ରାନ୍ତରେ ଛିଡ଼ା
ଶତାବ୍ଦୀ ତଳର ଗୋଟେ ଉଚ୍ଚା କୋଠାଘର..

ଅବରୁଦ୍ଧ ଝର୍କା, ଦ୍ୱାର
କାନ୍ଥ ଛାତରେ ଚିତ୍ରିତ ଶୂନ୍ୟତାର କଳାଛବି
ନିଶବ୍ଦ ଆବେଗ ପରି
ଚଟାଣରେ ପ୍ରସ୍ତ ପ୍ରସ୍ତ ଧୂଳିର ଆସ୍ତର..

ଅଥଚ କି ଆଶ୍ଚର୍ଯ୍ୟ ଘଟଣା ଏଠି !
ତମେ କ'ଣ
ସାମାନ୍ୟ ପତଙ୍ଗଟେ ସୁଦ୍ଧା
ଯେତେ ଆସ୍ତେ ରଖିଲେ ବି ପାଦ
ପ୍ରତିଧ୍ୱନି ଶୁଭେ ବରାବର..

*-ଅଧ୍ୟାପକ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ,*
*କଟକ, ମୋ: ୮୨୪୯୫୧୬୭୬୫*

# ହାତୀଦାନ୍ତ

-ସ୍ମୃତି ରଞ୍ଜିତା

କାର୍ଯ୍ୟକ୍ରମର ପ୍ରସଙ୍ଗ ଥିଲା ..'ଶିଶୁ ଶ୍ରମିକ ଉଚ୍ଛେଦ: ଶିଶୁ ଶ୍ରମିକ, ଆବଶ୍ୟକତା ନା ଶୋଷଣ'। ଯଥା ସମୟରେ କାର୍ଯ୍ୟକ୍ରମ ଆରମ୍ଭ ହେଲା। ମଞ୍ଚାସୀନ ଅତିଥିମାନଙ୍କୁ ସମ୍ମାନ ଜଣାଇ ସ୍ୱାଗତ ସଙ୍ଗୀତ, ପୁଷ୍ପଗୁଚ୍ଛ, ଉପହାର ଉପଢୌକନ ପ୍ରଦାନ ଆଦିର କାର୍ଯ୍ୟ ଶୃଙ୍ଖଳିତ ଭାବରେ ହେଲା। ସାଂସ୍କୃତିକ କାର୍ଯ୍ୟକ୍ରମର ତାଲିକାରେ ଓଡିଶୀ ନୃତ୍ୟ ଠାରୁ ଆରମ୍ଭ କରି ଲୋକ ସଙ୍ଗୀତ, ଆଧୁନିକ ନୃତ୍ୟ, ଫେଶନ୍ ଶୋ ବି ପରିବେଷିତ ହେଲା। କାର୍ଯ୍ୟକ୍ରମର ପ୍ରସଙ୍ଗକୁ ନେଇ କରାଯାଇଥିବା ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଗଲା। ଗୀତ ଗାଇଲେ ଝାଳନାଳ ହୋଇ ପିଲାମାନେ। ନାଚିଲେ ପିଲାମାନେ। ପ୍ରତିଯୋଗିତାରେ ଜିତିବା ପାଇଁ ଖରାରେ ଧୂମ ଖଟିଲେ ପିଲାମାନେ। ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟ ମାନ୍ୟଗଣ ବ୍ୟକ୍ତିମାନେ ନିଜ ନିଜର ମୂଲ୍ୟବାନ ମନ୍ତବ୍ୟ ରଖିଲେ।

ସଭା ଶେଷ ହେବା ପରେ ମୁଖ୍ୟ ଅତିଥି ଯେ କି ଜଣେ ସୁପରିଚିତ ସମାଜସେବୀ, ନିଜର ଦାମୀ ପାଟ ଶାଢ଼ୀର କାନିକୁ ସଜାଡ଼ି, ସଦ୍ୟ ପ୍ରସାଧନାଳୟରୁ ଆସିଥିବା ମୁଖରେ ଗୋଟିଏ ବାଧ୍ୟତାମୂଳକ ହସର ଗାର ଟାଣିଦେଇ ସମସ୍ତଙ୍କୁ ବିନିତ ପ୍ରଣାମ ଦେଖାଇ ନିଜ ଉଚ୍ଚପଦସ୍ଥ ସ୍ୱାମୀଙ୍କ ସରକାରୀ ଗାଡି ନିକଟକୁ ଗମନ କଲେ। ଡ୍ରାଇଭର ତାଙ୍କ ପାଇଁ କାର୍‌ର ଦର୍ଜା ଖୋଲି ଦେଉଥିଲାବେଳେ ତାଙ୍କ ବ୍ୟାଗ, ଫୁଲତୋଡ଼ା ଓ ଉପହାର ଭର୍ତ୍ତି ବ୍ୟାଗ ବଢେଇ ଦେଲା ତାଙ୍କ ପଛେ ପଛେ ଆସୁଥିବା ତାଙ୍କ ଘରେ କାମ କରୁଥିବା ଆଠଦଶ ବର୍ଷର କିଶୋରୀଟିଏକୁ।

*-ଲିଙ୍ଗରାଜ ବିହାର, ପୋଖରୀପୁଟ*
*ମୋ: ୯୭୭୬୬୭୯୮୪୫*






କ୍ରିତି – ପ୍ରଭାସ

# ଦୃଢ଼ମନା କ୍ରିତି

କ୍ରିତି ସାନନ ନିଜ ଆଗାମୀ ସିନେମାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। କାରଣ ଏହି ଷ୍ଟାର୍ ଷ୍ଟଡେଡ୍ ଫିଲ୍ମକୁ ନେଇ ଏବେ ଅନେକ ଆଲୋଚନା ଚାଲିଛି। ହଁ, ଫିଲ୍ମଟିର ଟାଇଟଲ ରହିଛି 'ଆଦିପୁରୁଷ'। ଏହା କେବଳ ହିନ୍ଦୀ ନୁହେଁ, ତାମିଲ, ତେଲୁଗୁ, ମାଲାୟାଲାମ ଏବଂ କନ୍ନଡ ଭାଷାରେ ମଧ୍ୟ ନିର୍ମାଣ କରାଯାଉଛି। ଏଥିରେ କ୍ରିତି ସୀତା ଭୂମିକାରେ ଅଭିନୟ କରିଛନ୍ତି। ତାଙ୍କ ବ୍ୟତୀତ ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ତାରକା ପ୍ରଭାସ ରାମ ଭୂମିକାରେ ଅଭିନୟ କରିଥିବା ବେଳେ ରାବଣ ସାଜିଛନ୍ତି ସୈଫ ଅଲ୍ଲୀ ଖାଁ। ଏହି ସିନେମା ବିଷୟରେ କ୍ରିତି କହନ୍ତି, 'ଏକ ପୌରାଣିକ କଥାବସ୍ତୁକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ତା'ସହ ଶୁଟିଂ ସମୟରେ କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବା ପାଇଁ ଚେଷ୍ଟା କରାଯାଇଛି। ମୋର ଆଶା ଫିଲ୍ମଟି ନିଶ୍ଚୟ ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନ୍ କରିବ।' ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଓମ୍ ରାଓ୍ୱତ। 'ଆଦିପୁରୁଷ' ଚଳିତ ବର୍ଷ ଜୁନ୍ ୧୬ରେ ରିଲିଜ ହେବାକୁ ଯାଉଛି।


ଶାହରୁଖ

# ଶେଷ ହେଲା ଅପେକ୍ଷା

ଦିନ ଥିଲା ବଲିଉଡ୍‌ରେ ରାଜ୍ କରୁଥିଲେ ଶାହରୁଖ ଖାଁ। ତାଙ୍କ ଅଭିନୀତ ଅନେକ ସିନେମା ଦର୍ଶକଙ୍କୁ କେତେ ଏଣ୍ଟରଟେନ୍ କରିଛି ତାହା କହିବା ବାହୁଲ୍ୟ। ନିକଟରେ ତାଙ୍କ ଅଭିନୀତ 'ପଠାନ୍' ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ତେବେ କିଙ୍ଗ ଖାଁଙ୍କର ଦୀର୍ଘଦିନର ଅପେକ୍ଷା ନିକଟରେ ପୂରଣ ହୋଇଛି। 'ଡନ୍' ସିରିଜ୍‌ରେ ନିର୍ମିତ ହେବାକୁ ଥିବା 'ଡନ୍ ୩'ର ପ୍ରାରମ୍ଭିକ କାମ ଗତ ସପ୍ତାହରେ ଆରମ୍ଭ ହୋଇଛି। ଏକଥା ଜାଣିବା ପରେ ଶାହରୁଖଙ୍କ ଖୁସି କହିଲେ ନ ସରେ। ଏ ସମ୍ପର୍କରେ ସେ କହନ୍ତି, 'ଏହି ସିନେମା ଆରମ୍ଭ ହେବ ବୋଲି ଯୋଜନା ଚାଲିଥିଲା। କିନ୍ତୁ କରୋନା ମହାମାରୀ ମଝିରେ ବାଧକ ସାଜିଲା। ଏବେ ଏହାର ସ୍କ୍ରିପ୍ଟିଂ କାମ ଚାଲିଛି। ରିତେଶ ସିଦ୍‌ୱାନି ଏହାର ପ୍ରଯୋଜନା କରୁଛନ୍ତି। ସଂଳାପ ରଚନା ଦାୟିତ୍ୱରେ ଅଛନ୍ତି ଫରହାନ୍ ଅଖତର। ଖାସ୍ କଥା ହେଲା ଫରହାନ ମଧ୍ୟ ଏହାର ନିର୍ଦ୍ଦେଶନା ଦେବେ।' ଏକ୍ସସେଲ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ବିଗ୍ ବଜେଟ୍ ଫିଲ୍ମର ଟାଇଟଲ ଭୂମିକାରେ ପୁଣି ଥରେ ଶାହରୁଖ ଅଭିନୟ କରିବେ। ଅବଶିଷ୍ଟ କାଷ୍ଟିଂ ଖୁବ୍ ଶୀଘ୍ର ଫାଇନାଲ ହେବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ। ତେବେ ଏଥର 'ଡନ୍ ୩'ରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।

# କ୍ଷଣକୋପୀ ସୋନାକ୍ଷୀ

ଶତ୍ରୁଘ୍ନ ତନୟା ସୋନାକ୍ଷୀ ସ୍କୁଲରେ ପଢ଼ିବା ସମୟରେ କ୍ଷଣକୋପୀ ଥିଲେ। ଏପରି କି କଥା କଥାରେ ସାଙ୍ଗପିଲାମାନଙ୍କ ସହ ଝଗଡା ହେଉଥିଲା। ଏଭଳି ଏକ ଘଟଣା ସମ୍ପର୍କରେ ନିକଟରେ ସୂଚନା ଦେଇଛନ୍ତି ସେ। ଏ ବିଷୟରେ ସୋନାକ୍ଷୀ କହନ୍ତି, 'ଥରେ ଖେଳ ପିରିୟଡରେ ଆମେ ପ୍ଲେ ଗ୍ରାଉଣ୍ଡରେ ଖେଳୁଥାଉ। ଏହି ସମୟରେ ଏକ କଥାକୁ ନେଇ ମୋର ଜଣେ ସାଙ୍ଗ ମୋତେ ଚ୍ୟାଲେଞ୍ଜ କଲା। ଆଉ ସେପରି ସ୍ଥିତିରେ ମୁଁ ବା କେମିତି ଛାଡିଦେଇଥାଆନ୍ତି? ତା'ସହ କିଛି ସମୟ ଗରମାଗରମ ଯୁକ୍ତି ଚାଲିଲା। ପରିସ୍ଥିତି ଏପରି ହେଲା ଯେ, ଅନ୍ୟ ସାଙ୍ଗ ପିଲାମାନେ ଆସି ଆମକୁ ଶାନ୍ତ କରାଇ ଥିଲେ। ହେଲେ ସେହି କଥା ମୋ ମନରେ କିଛି ଦିନ ପର୍ଯ୍ୟନ୍ତ ରହିଥିଲା। ଏହି ଘଟଣାରେ ଶେଷକୁ ମୋ ପାପା–ମମି ହସ୍ତକ୍ଷେପ କରିବାକୁ ବାଧ୍ୟ ହୋଇଥିଲେ। ପରିଶେଷରେ ମୋତେ ଏହି ସ୍କୁଲକୁ ଗୁଡବାୟ କରିବାକୁ ପଡିଥିଲା।' ଆର୍ଯ୍ୟ ବିଦ୍ୟା ମନ୍ଦିରରୁ ସୋନାକ୍ଷୀ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିଛନ୍ତି। ସୋନାକ୍ଷୀଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ମଡେଲିଂରୁ। ସଲମାନ ଖାଁ ତାଙ୍କୁ ପ୍ରଥମେ ହିନ୍ଦୀ ସିନେମାରେ ବ୍ରେକ୍ ଦେଇଥିଲେ ଆଉ ଫିଲ୍ମଟି ଥିଲା 'ଦବଙ୍ଗ'। ଏହି ଫିଲ୍ମ ପାଇଁ ଦୁଇ ବର୍ଷ ପରିଶ୍ରମ କରି ସେ ନିଜ ଓଜନକୁ ୯୦ କିଗ୍ରାରୁ ୬୦ କିଗ୍ରାକୁ କମାଇଥିଲେ।


ସୋନାକ୍ଷୀ

# ପ୍ରୀତି ବନ୍ଧନ

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ପ୍ରୀତି ବନ୍ଧନ'। ଏହି ସିନେମାଟି ଚଳିତ ମାସ ୨୫ ତାରିଖରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ନେକ୍ସଟ୍‌ଡୋର୍ ଫିଲ୍ମସ୍ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରଟିର ସେନ୍‌ସର କାମ ଶେଷ ହୋଇଛି। 'ଓଡିଆ ଘରର କଥାବସ୍ତୁ ଉପରେ କାହାଣୀ ଗତିଶୀଳ। ଏଥିରେ ଆମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ଝଲକ ଦର୍ଶକ ଦେଖିବାକୁ ପାଇବେ ବୋଲି କୁହନ୍ତି ଏହାର ପ୍ରଯୋଜକ ପ୍ରଶାନ୍ତ କୁମାର ନାୟକ ଓ ନରେନ୍ଦ୍ର ପାତ୍ର। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଅଭିନେତା–କମ୍–ନିର୍ଦ୍ଦେଶକ ରାଶେସ ମହାନ୍ତି (ସିଲୁ)। ସଂଯୋଜିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଅନ୍ୟତମ ଲୋକପ୍ରିୟ ମେଲୋଡି ମେକର ଅଭିଜିତ ମଜୁମଦାର୍। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ସୃତି ଆର୍ ଓ ସୁଧାକର ବସନ୍ତ। ଚଳଚିତ୍ରର ନାୟକ ସମ୍ମିତ ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତ ତମନ୍ନା ଓ ତୃପ୍ତି। ଏମାନଙ୍କ ବ୍ୟତୀତ ପୁଷ୍ପା ପଣ୍ଡା, ପୃଥ୍ୱୀରାଜ ନାୟକ, ଭୂପତି ତ୍ରିପାଠୀ, କେଦାର ମିଶ୍ର, ଥିନ୍, ସର ଅପା, ଅଳକା, ପ୍ରଶାନ୍ତ ନାୟକ, ନୂପୁର ଓ ସସ୍ମିତାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହାର କ୍ରିଏଟିଭ୍ ହେଡ୍ ଓ ମିଡିଆ ପ୍ଲାନର ଅଛନ୍ତି ପ୍ରଣୟ ଜେଠୀ।


ତୃପ୍ତି–ସମ୍ମିତ

# ନୀରବ ରହୁଛନ୍ତି ବେବୋ

କରୀନା କପୁର ଓରଫ ବେବୋ ଇତି ମଧ୍ୟରେ ବଲିଉଡ୍‌ର ଅନ୍ୟତମ ଆଗଧାଡିର ଅଭିନେତ୍ରୀ ଭାବରେ ନିଜକୁ ପରିଚିତା କରାଇସାରିଛନ୍ତି। କପୁର ଖାନଦାନର ଏହି ସଦସ୍ୟ ନିଜ ଆକ୍ଟିଂ କ୍ୟାରିୟରକୁ ନେଇ ବେଶ୍ ସଚେତନ। ଏପରି କି କେତେକ କାରଣରୁ ସେ ଅନେକ ଭଲ ଅଫରକୁ ହାତଛଡା କରିଛନ୍ତି। ସବୁଠାରୁ ଖାସ୍ କଥା ହେଲା ସଞ୍ଜୟ ଲୀଲା ଭଁସାଲିଙ୍କ କେତୋଟି ସିନେମାରେ ଅଭିନୟ କରିବାକୁ ତାଙ୍କୁ ଅଫର ଦିଆଯାଇଥିଲା। ହେଲେ ସବୁ ଚାନ୍ସର ସେ ସଦୁପଯୋଗ କରିପାରି ନଥିଲେ। ଏପରିକି ଏକ ସିନେମାରେ ଅଭିନୟ କରିବେ ବୋଲି ରାଜି ହୋଇଥିଲେ। କିନ୍ତୁ ଶୁଟିଂ ଆରମ୍ଭ ହେବାର ଦଶ ଦିନ ପୂର୍ବରୁ ମନା କରିଦେଇଥିଲେ। ହେଲେ ଏଭଳି ନିଷ୍ପତ୍ତି ପଛରେ କି କାରଣ ରହିଥିଲା ଏହାର ରହସ୍ୟ ଖୋଲିବାକୁ ସେ ନାରାଜ। ଏପରି କି ଏନେଇ କିଛି ଉତ୍ତର ଦେବା ସମୟରେ ନୀରବ ରହୁଛନ୍ତି। ହଁ, ଏହି ଫିଲ୍ମଟି ହେଲା 'ଗଲିୟୋଁ କି ରାସଲୀଳା ରାମଲୀଳା'। କେବଳ ସେତିକି ନୁହେଁ, ସଞ୍ଜୟଙ୍କ ନିର୍ଦ୍ଦେଶିତ 'ହମ୍ ଦିଲ୍ ଦେ ଚୁକେ ସନମ', 'ଦେବଦାସ', 'ବ୍ଲାକ୍' ପରି ସୁପରହିଟ୍ ଫିଲ୍ମରେ ଅଭିନୟ କରିବାକୁ କରୀନାଙ୍କୁ ଅଫର ଦିଆଯାଇଥିଲା। ହେଲେ ସେ ଏଗୁଡିକୁ ପ୍ରତ୍ୟାଖ୍ୟାନ କରିଥିଲେ।


କରୀନା


ମାନୁଷୀ

# ମାନୁଷୀଙ୍କ ରୋଲ୍ ମଡେଲ୍

ମିସ୍ ଓ୍ୱାର୍ଲ୍ଡ ମାନୁଷୀ ଚିଲ୍ଲର୍ ୨୦୨୨ରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ସମ୍ରାଟ ପୃଥ୍ୱୀରାଜ'। ଏଥିରେ ସେ ଅକ୍ଷୟ କୁମାରଙ୍କ ନାୟିକା ସାଜିଥିଲେ। କିନ୍ତୁ ଏହାକୁ ନେଇ ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ପୂରଣ ହୋଇ ନ ଥିଲା। କାରଣ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ଏହାପରେ ତାଙ୍କୁ କେତୋଟି ଅଫର ମିଳିଛି ସତ, ହେଲେ ତାଙ୍କ ଅଭିନୀତ ଦ୍ୱିତୀୟ ସିନେମା ଏ ପର୍ଯ୍ୟନ୍ତ ରିଲିଜ ହୋଇନାହିଁ। ତେବେ ନିଜ ଜୀବନର ରୋଲ୍ ମଡେଲ ଭାବରେ ସେ କାହାକୁ ଗ୍ରହଣ କରିଛନ୍ତି ଜାଣନ୍ତି ? ତାଙ୍କ ମା'ଙ୍କୁ। ଏ ନେଇ ମାନୁଷୀ କହନ୍ତି, 'ଆଜି ମୁଁ ଯେଉଁ ସ୍ଥାନ ପର୍ଯ୍ୟନ୍ତ ଯାଇଛି ସେଥିପାଇଁ ମୋ ମା'ଙ୍କ ସହଯୋଗକୁ କଦାପି ଭୁଲିପାରିବି ନାହିଁ। ସେ ମୋ ପାଖରେ ସବୁବେଳେ ଛାଇ ପରି ଥାଆନ୍ତି। ଏକଥା ସତ ଯେ, ମୋ ପ୍ରଥମ ହିନ୍ଦୀ ସିନେମା ଫ୍ଲପ୍ ହୋଇଥିଲା। ହେଲେ ଏଣିକି ନିଜ କ୍ୟାରିୟର ପ୍ରତି ମୁଁ ବେଶ୍ ସଚେତନ ରହିବି'। ମାନୁଷୀଙ୍କ ଅଭିନୀତ 'ଦ ଗ୍ରେଟ୍ ଇଣ୍ଡିଆନ୍ ଫ୍ୟାମିଲି'ର ଶୁଟିଂ ନିକଟରେ ଶେଷ ହୋଇଛି। ଅନ୍ୟପକ୍ଷରେ ତାଙ୍କ ହାତରେ ଥିବା ଅନ୍ୟ ସିନେମାଗୁଡିକ ହେଉଛି– 'ତେହେରାନ୍', 'ଭିଟି ୧୩' ଏବଂ 'ବଡେ ମିଆଁ ଛୋଟେ ମିଆଁ'।

# ପ୍ରଥମ ରୋଜଗାର ଶାଶୁଙ୍କୁ ଦେଇଥିଲି

**ସାହିତ୍ୟିକା ସୁଷମା ପରିଜା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**



ମୋ'ର ପୈତୃକ ଗ୍ରାମ ବାଙ୍କୀ ଡମପଡ଼ା ଗଡ଼ରେ ହୋଇଥିଲେ ମଧ ମୋ ବାପା ଶ୍ରୀ କୁମର ପରିଜା କଟକ ସହରରେ ରହି କାମ କରୁଥିଲେ। ମୁଁ ଜନ୍ମ ହେବାପରେ ବାପାବୋଉଙ୍କ ସହିତ କଟକ ଆସି ମୋ'ର ସାନମାଉସୀ ଘରେ ମଙ୍ଗଳାବାଗରେ ରହିଲି। ଦୀର୍ଘ ସଇଁତିରିଶ ବର୍ଷ କାଳ ବାପାଙ୍କ ଚାକିରି ଥିବା ଯାଏଁ ତାହା ହିଁ ଥିଲା ଆମର ସ୍ଥାୟୀ ଠିକଣା। ଆମେ ପାଞ୍ଚ ଭାଇଭଉଣୀ ସେଇ ମାଟି ପାଣି ପବନରେ ବଢ଼ିଛୁ। ନିମ୍ନ ମଧ୍ୟବିତ୍ତ ପରିବାରରେ ଅନେକ ଦୁଃଖ ସୁଖ ଦେଇ ଗତି କରିଥିଲା ଆମ ଜୀବନ। କଟକର ମ୍ୟୁନିସପାଲ୍ ଗାର୍ଲ୍ସ ହାଇସ୍କୁଲରୁ ମାଟ୍ରିକ୍ ପାଶ୍ କଲା ପରେ ଶୈଳବାଳା ମହାବିଦ୍ୟାଳୟରେ ଆଇ.ଏସ୍‌ସି ଏବଂ ରେଭେନ୍ସା ମହାବିଦ୍ୟାଳୟରେ ବି.ଏ. ପଢିଥିଲି। ତା'ପରେ ମଧୁସୂଦନ ଲ' କଲେଜରେ ଆଇନ୍ ପଢିଲି। ପ୍ରଥମ ବର୍ଷ ପରୀକ୍ଷା ସରିବା ପରେ ଦ୍ୱିତୀୟ ବର୍ଷ ଅଧାରୁ ପରିବାରର ଆର୍ଥିକ ପରିସ୍ଥିତି ବାଧ କରିଥିଲା ପାଠରେ ଡୋରି ବାନ୍ଧିବା ପାଇଁ। ଅନ୍ୟସବୁ ନିମ୍ନ ମଧ୍ୟବିତ୍ତ ପରିବାରର ଝିଅ ଭଳି ମୋତେ ମଧ ଉଣେଇଶି ବର୍ଷ ବୟସରେ ବାହା ହୋଇ ଶାଶୁଘରକୁ ଆସିବା ପାଇଁ ପଡ଼ିଥିଲା। ଶାଶୁଘରେ ଯୌଥ ପରିବାର, ବୋହୂ ପଣିଆ କରୁକରୁ ବିତିଗଲା ତିନି ବର୍ଷ। ସେଇ ଭିତରେ ଝିଅଟିଏ ମଧ ହୋଇ ସାରିଥିଲା। ପୁଣି ଥରେ ଜୀବନରେ ନୂଆ ମୋଡ଼ ଆସିଲା, ପରିସ୍ଥିତି ବାଧ କରିଥିଲା ଚାକିରି ଖୋଜିବା ପାଇଁ। ମୋ'ର ଶାଶୁ ଭରସାର ଖୁଣ୍ଟ ହୋଇ ଠିଆ ହେଲେ ମୋ' ପାଖରେ। ତାଙ୍କରି ଛତ୍ରଛାୟାରେ ଅନେକ ଝଡ଼ଝଞ୍ଜା ଅତିକ୍ରମ କରି ୧୯୮୧ ମସିହା ଫେବୃୟାରୀ ମାସ ଦୁଇ ତାରିଖରେ ମୁଁ ତତ୍କାଳୀନ କଟକ ଗ୍ରାମ୍ୟ ବ୍ୟାଙ୍କର କଟକ ଶାଖାରେ କ୍ୟାସିୟର୍ କମ୍ କ୍ଲର୍କ ଭାବରେ ଯୋଗ ଦେଇଥିଲି। ସେତେବେଳକୁ ମାସର ଶେଷ ଦିନରେ ଦରମା ମିଳୁଥିଲା। ତେଣୁ ଫେବୃଆରୀ ମାସ ଅଠେଇଶି ତାରିଖରେ ମୋତେ ଦରମା ମିଳିଥିଲା ତିନିଶହ ତିରିଶି ଟଙ୍କା; ଯାହାକି ଥିଲା ମୋ' ଜୀବନର ପ୍ରଥମ ରୋଜଗାର। ଆକାଉଣ୍ଟରେ ତିରିଶି ଟଙ୍କା ରଖି ତିନିଶହ ଟଙ୍କା ଉଠାଇ ଆଣି ପ୍ରଥମେ ମୁଣ୍ଡରେ ମାରିଲି। ଆଖିରେ ମୋର ଲୁହ ଆସିଗଲା। ସେ ପର୍ଯ୍ୟନ୍ତ ବିଶ୍ୱାସ ହେଉ ନଥିଲା ଯେ ଏଇ ତିନି ଶହ ଟଙ୍କା ଏକାନ୍ତ ଭାବରେ ମୋ'ର ବୋଲି। ସେଦିନ ଘରକୁ ଫେରି ଶାଶୁଙ୍କ ପାଦ ତଳେ ମୁଣ୍ଡିଆ ମାରି ସେଇ ତିନିଶ ଟଙ୍କାକୁ ରଖି କହିଲି 'ଏ ଟଙ୍କା ଆପଣ ରଖନ୍ତୁ। ଦରକାର ହେଲେ ଆପଣଙ୍କୁ ମାଗିନେବି'। ସେଦିନ ସେ ମୋତେ କୋଳେଇ ନେଇଥିଲେ ଆଉ କହିଥିଲେ 'ଇଏ ତୋର ପରିଶ୍ରମର ଫଳ, ତୋ' ପାଖରେ ରଖିଥା। ଇଏ ତ ଆରମ୍ଭ ମାତ୍ର, ନିଷ୍ଠାର ସହିତ କାମ କଲେ ଆଗକୁ ଆହୁରି ଅଧିକ ଆସିବ।' ସେଦିନ ଶାଶୁ ଟଙ୍କାଟିକୁ ମୋତେ ଦେଇ ଦେବା ପରେ ୧୦୦ ଟଙ୍କାରେ ମିଠା ଆଣି ଠାକୁରଙ୍କ ପାଖେ ଭୋଗ କରି ଘରର ସମସ୍ତଙ୍କୁ ଖାଇବାକୁ ଦେଇଥିଲି। ସମସ୍ତେ ବହୁତ ଖୁସି ହୋଇଥିଲେ ଆଉ ମୋତେ ଶୁଭେଚ୍ଛା ବି ଦେଇଥିଲେ। ସମସ୍ତଙ୍କର ଶୁଭେଚ୍ଛା ଆଉ ଶାଶୁଙ୍କର କଥାକୁ ଗୁରୁ ଆଜ୍ଞା ମାନି କାମ କରି ଜୀବନରେ ଉନ୍ନତିର ପାହାଚ ପରେ ପାହାଚ ଚଢ଼ି ଶେଷରେ ୨୦୧୭ ମସିହାରେ ଚାକିରିରୁ ଅବସର ଗ୍ରହଣ କରିଥିଲି। ଜୀବନରେ ଅନେକ ରୋଜଗାର କରିଛି ହେଲେ ସେଇ ପ୍ରଥମ ରୋଜଗାରର ତିନିଶହ ଟଙ୍କା ମୋ' ମନରେ ଯେଉଁ ଅପାର ଆନନ୍ଦ ଆଉ ଗଭୀର ଆତ୍ମପ୍ରତ୍ୟୟ ଭରି ଦେଇଥିଲା ତାହା ଅଭୁଲା ସ୍ମୃତି ହୋଇ ମୋ'ର ଶେଷ ନିଃଶ୍ୱାସ ଥିବା ଯାଏଁ ରହିଥିବ।

# ଆଖିରେ ଇସାରା ଓଠରେ ହସ, ସହଜେ ଫିଟେନା ପ୍ରେମର ଫାଶ

ସାଥୀ



**ପ୍ରଶ୍ନ–**ଥରେ ଜଣେ ସୁନ୍ଦରୀ ମୋତେ ଚାହିଁ ହସିଦେଲା। ଆଉ ତା'ପରେ ମୋତେ ଲାଗୁଛି ସତେ ଯେମିତି ମୁଁ ତା' ପ୍ରେମ ଫାଶରେ ବାନ୍ଧି ହୋଇଯାଇଛି। ମୋ ଭାବନା ସତରେ ରୂପାନ୍ତରିତ ହେବ ତ ?

*–ବିବେକ ସାହୁ, ପୁରୀ*

**ଉତ୍ତର:** 'ଆଖିରେ ଇସାରା ଓଠରେ ହସ, ସହଜେ ଫିଟେନା ପ୍ରେମର ଫାଶ'। ସୁନ୍ଦରୀଙ୍କ ହସରେ ଅନେକ କଥା ଲୁଚି ରହିଥାଏ। କେତେବେଳେ ସେଥିରୁ ପ୍ରେମର ଝରଣା ବହୁଥାଏ ତ ପୁଣି କେତେବେଳେ ତାହା ମରିଚିକା ପରି ଲାଗେ। ଯଦି ଆପଣଙ୍କ ହୃଦୟଙ୍ଗମ ହେଉଛି ଯେ ସେହି ହସରେ ପ୍ରେମ ରହିଛି ତେବେ ଡେରି କରୁଛନ୍ତି କାହିଁକି ? ସମୟ ସୁବିଧା ଦେଖି ମନ କଥା କହି ଦିଅନ୍ତୁ ନା ! ଯଦି ସବୁକିଛି ଠିକ୍ ଠାକ୍ ଚାଲିଲା ତେବେ ଧରିନିଅନ୍ତୁ ଯେଉଁ ମନର ମାନସୀକୁ ଆପଣ ଅପେକ୍ଷା କରି ରହିଥିଲେ ତାହା ଆପଣଙ୍କୁ ମିଳିଯାଇଛି।

**ପ୍ରଶ୍ନ–**ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରି ରିହଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ଅମିତ, ବ୍ରହ୍ମପୁର*

**ଉତ୍ତର:** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ଏଭଳି ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ହେଲେ ତାକୁ ଭାବି ଭାବି ଆପଣଙ୍କୁ ଦିନ ରାତି ଜଣାପଡୁନାହିଁ। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।

**ପ୍ରଶ୍ନ–**ପ୍ରେମ ନିଶା କ'ଣ ସତରେ ଗାଢ଼ ? ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ମୋତେ ତ ସେମିତି କିଛି ଲାଗୁନାହିଁ। ଏବେ ମୁଁ କ'ଣ କଲେ ଠିକ୍ ହେବ ?

*–ଜୟନ୍ତ ମହାନ୍ତି, କେନ୍ଦ୍ରାପଡା*

**ଉତ୍ତର:** ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ–**ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ତନ୍ମୟ ରାଉତ, ବଲାଙ୍ଗିର*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ କ'ଣ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ। ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

# ଡେନିମ୍ ଶର୍ଟ୍ସ ଫ୍ୟାଶନ





**ଖରାଦିନେ ଡେନିମ୍ ଶର୍ଟ୍ସର ଚାହିଦା ଖୁବ୍ ବଢିଯାଏ। କାରଣ ଏହାକୁ ପିନ୍ଧିଲେ ଯେମିତି କମ୍ଫର୍ଟେବଲ୍ ଲାଗେ ସେମିତି ସ୍ମାର୍ଟ ଲୁକ୍ ବି ମିଳେ। ତା'ଛଡ଼ା ଏହା ସହିତ ଯେକୌଣସି ଟପ୍ସକୁ ମଧ୍ୟ ଆରାମରେ ପେୟାର୍ କରି ପିନ୍ଧି ହୁଏ। ତେବେ କେଉଁ ଟପ୍ସକୁ କେମିତି ପିନ୍ଧିଲେ ଡେନିମ୍ ଶର୍ଟ୍ସ ସହ ତାହା ପରଫେକ୍ଟ ମ୍ୟାଚ୍ କରିଥାଏ, ଜାଣନ୍ତୁ ସେ ସମ୍ପର୍କରେ...**

**ପେପ୍ଲମ୍ ଟପ୍ସ ଓ ଡେନିମ୍ ଶର୍ଟ୍ସ:** କଳା ରଙ୍ଗର ସ୍ଲିଭ୍‌ଲେସ୍ ପେପ୍ଲମ୍ ଟପ୍ସ ସହ ଲାଇଟ୍ ବ୍ଲୁ କଲର୍‌ର ଡେନିମ୍ ଶର୍ଟ୍ସ ଖୁବ୍ ସୁନ୍ଦର ଦେଖାଯାଇଥାଏ। ଏହା ସହିତ ମ୍ୟାଚିଂ ଫୁଟ୍‌ୱେର୍ ପିନ୍ଧିଲେ ଲୁକ୍ ଆହୁରି ଆକର୍ଷଣୀୟ ଲାଗିଥାଏ। ଖରାଦିନେ କଳା ରଙ୍ଗର ଚଷମା ସହ ଏହି ଗେଟ୍‌ଅପ୍ ଯୁବତୀଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।

**ଫ୍ଲୋରାଲ୍ ଟପ୍ସ ଓ ଡେନିମ୍ ଶର୍ଟ୍ସ:** ଖରାଦିନେ ଫ୍ଲୋରାଲ୍ ପ୍ରିଣ୍ଟ ଆଉଟ୍‌ଫିଟ୍ କୁଲ୍ ଲୁକ୍ ଦେଇଥାଏ। ଯୁବତୀ ଚାହିଁଲେ ଡେନିମ୍ ଶର୍ଟ୍ସ ସହ ଫ୍ଲୋରାଲ୍ ପ୍ରିଣ୍ଟ ଥିବା ଟପ୍ସକୁ ପେୟାର୍ କରି ଆକର୍ଷଣୀୟ ସମର୍ ଲୁକ୍ ପାଇପାରିବେ। ତେବେ ଡେନିମ୍ ଶର୍ଟ୍ସ ସହ ସ୍ଲିଭ୍ ଲେସ୍ ହେଉ ଅବା ଫୁଲ୍ ସ୍ଲିଭ୍ ବାଲା ଫ୍ଲୋରାଲ୍ ଟପ୍ସ ବେଶ୍ ଭଲ ମାନିଥାଏ।

**ଢିଲା ଶାର୍ଟ ଓ ଡେନିମ୍ ଶର୍ଟ୍ସ:** ଡେନିମ୍ ଶର୍ଟ୍ସ ସହ ଶାର୍ଟର କମ୍ବିନେଶନ ବି ପରଫେକ୍ଟ ମ୍ୟାଚ୍ କରିଥାଏ। ଆଉ ଖରାଦିନେ ତ ଶାର୍ଟ ପିନ୍ଧିବାକୁ ବେଶ୍ କମ୍ଫର୍ଟେବଲ୍ ଲାଗେ। ତେଣୁ ଯୁବତୀ ଚାହିଁଲେ ଶର୍ଟ୍ସ ସହ ଢିଲା ଶାର୍ଟକୁ ପେୟାର କରି କମ୍ଫର୍ଟେବଲ୍ ଲୁକ୍ ପାଇପାରିବେ। ବିଶେଷକରି ଷ୍ଟ୍ରାଇପ୍ ପ୍ରିଣ୍ଟର ଶାର୍ଟ ଯୁବପିଢୀଙ୍କର ଖୁବ୍ ପସନ୍ଦ ହୋଇଥାଏ। ଆଉ ତାକୁ ମ୍ୟାଚ୍ କରି ପାଦରେ ସ୍ନିକର୍ସ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଦେଖାଯାଇଥାଏ।

**ଢିଲା ହାଫ୍ ସ୍ଲିଭ୍ ଟି-ଶାର୍ଟ ଓ ଡେନିମ୍ ଶର୍ଟ୍ସ:** ଖରାଦିନେ ଟି-ଶାର୍ଟ ପିନ୍ଧିବା ଅନେକଙ୍କର ପସନ୍ଦ। ଖାସ୍ କରି ଟିକେ ଢିଲା ଟି-ଶାର୍ଟ ପିନ୍ଧିଲେ କମ୍ଫର୍ଟେବଲ୍ ଲାଗେ। ଆଉ ଡେନିମ୍ ଶର୍ଟ୍ସ ସହ ଏହାକୁ ପେୟାର କରି ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳେ। ଖାସ୍ କରି ହାଫ୍ ସ୍ଲିଭ୍ ବାଲା ଢିଲା ଟି-ଶାର୍ଟ ଓ ଡେନିମ୍ ଶର୍ଟ୍ସର କମ୍ବିନେଶନ ବେଶ୍ ଭଲ ଦେଖାଯାଇଥାଏ।

**ସ୍ରଗ୍ ଓ ଡେନିମ୍ ଶର୍ଟ୍ସ:** କମ୍ଫର୍ଟେବଲ୍ ଲୁକ୍ ଦିଏ ସ୍ରଗ୍। ଆଉ ଶର୍ଟ୍ସ ସହ ସ୍ରଗ୍‌କୁ ପେୟାର୍ କଲେ କ୍ଲାସି ଲୁକ୍ ମିଳେ। ତେବେ ସ୍ରଗ୍ ଚୟନ କଲାବେଳେ ସବୁବେଳେ ଦେଖିବେ ଏହାର ଫ୍ୟାବ୍ରିକ୍ ଯେତେ ହାଲ୍‌କା ହୋଇଥିବ ; ନ ହେଲେ ଖରାଦିନେ ପିନ୍ଧି ହେବ ନାହିଁ। ସେହିପରି ଫ୍ଲୋରାଲ୍ ପ୍ରିଣ୍ଟବାଲା ସ୍ରଗ୍ ହେଉ ଅବା ଲାଇଟ୍ କଲର୍‌ର ସ୍ରଗ୍ ବି ଡେନିମ୍ ଶର୍ଟ୍ସ ସହ ଭଲ ମାନିଥାଏ।









ସାନ୍ଭୀ

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

# ହାଃ ହାଃ

## ସାଥ୍ ଦେବ

ଶିକ୍ଷକ: କହିଲ ପିଲେ, କଣ୍ଟକିତ ରାସ୍ତାରେ ତୁମର ସାଥ୍ କିଏ ଦେବ ? ବାପା, ମା', ଭାଇ, ଭଉଣୀ, ସ୍ତ୍ରୀ ନା ପିଲା ?
ପପୁ: ସାର୍, ମୁଁ କହିବି
ଶିକ୍ଷକ: ହଉ କହ।
ପପୁ: ସାର୍ ଏମାନଙ୍କ ଭିତରୁ କେହି ନୁହେଁ, କେବଳ ଚପଲ ସାଥ୍ ଦେବ।

## ଚୋର

ରଘୁ ରାଜୁକୁ: କାଲି ରାତିରେ ଘରକୁ ଫେରିବାବେଳେ ଗୋଟେ ଚୋର ଛୁରୀ ଦେଖାଇ ମୋଠୁ ସବୁକିଛି ଲୁଟି ନେଲା।
ରାଜୁ: ତୁ ପରା ପାଖରେ ପିସ୍ତଲ ରଖୁ, ଚୋରକୁ ଦେଖେଇଲୁନି।
ରଘୁ: ଭାଗ୍ୟ ଭଲ ମୁଁ ତାକୁ ଲୁଚେଇ ଦେଇଥିଲି। ନ ହେଲେ ଚୋର ତାକୁ ବି ନେଇ ଯାଇଥାନ୍ତା।

## ଯିବା

ଶୁନ୍‌ଶାନ୍ ସଡ଼କରେ ଯୁବତୀଟିଏ ଏକୁଟିଆ ଗଲାବେଳେ ଜଣେ
ଯୁବକ: ଆସୁନ ଯିବା।
ଯୁବତୀ: କୋଉଠି କି ?
ଯୁବକ: ତମେ କହିବ ଯୋଉଠି କି।
ଯୁବତୀ: ଚାଲ ତେବେ ପୋଲିସ୍ ଷ୍ଟେସନ୍ ।
ଯୁବକ: ଭଉଣୀ ସହ କ'ଣ ଥଟ୍ଟାମଜା ଟିକେ କରିପାରିବିନି।

# ଅଷ୍ଟମୁଡ଼ି ହ୍ରଦ



**କେରଳର କୋଲାମ୍ ଜିଲାରେ ଥିବା ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ଏହି ଅଷ୍ଟମୁଡ଼ି ହ୍ରଦ। ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏଠାକାର ପରିବେଶ ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ଏଠାରେ ବୋଟିଂ, ଫିଶିଂ ଆଦିର ସୁବିଧା ରହିଛି। ସେଥିପାଇଁ ଛୁଟିଦିନମାନଙ୍କରେ ଏଠାରେ ଆଗନ୍ତୁକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳେ...**







କେରଳର କୋଲାମ୍ ଜିଲାରେ ଥିବା ଅଷ୍ଟମୁଡ଼ି ହ୍ରଦ ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ଏଠାକାର ଆକର୍ଷଣୀୟ ପ୍ରାକୃତିକ ପରିବେଶ ଦେଖିବାକୁ ବେଶ୍ ମନୋରମ ହୋଇଥାଏ। ସପ୍ତାହନ୍ତ ଛୁଟି କଟାଇବା ପାଇଁ ଏହା ହେଉଛି ଏକ ପରଫେକ୍ଟ ଡେଷ୍ଟିନେଶନ। ବିଶେଷକରି ବୋଟିଂ, ଫିଶିଂ ପାଇଁ ଏଠାରେ ସୁବିଧା ରହିଥିବାରୁ, କେବଳ ସପ୍ତାହନ୍ତ କାହିଁକି ବର୍ଷର ସବୁ ସମୟରେ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳିଥାଏ। ଜନଗହଳିପୂର୍ଣ୍ଣ ପରିବେଶରୁ ଦୂରରେ ଥିବା ଏହି ସ୍ଥାନକୁ ଗଲେ ମନକୁ ବେଶ୍ ଶାନ୍ତି ବି ମିଳେ।

### ନାମକରଣକୁ ନେଇ କିମ୍ବଦନ୍ତୀ

ଅଷ୍ଟମୁଡ଼ି ହ୍ରଦର ନାମକରଣକୁ ନେଇ ମଧ୍ୟ ଅନେକ ଲୋକକଥା ରହିଛି। ତେବେ ସୂଚନାନୁଯାୟୀ, ଏହି ହ୍ରଦଟି ଆଠଟି ସ୍ଥାନରେ ବଙ୍କାଟଙ୍କା ହୋଇ ପ୍ରବାହିତ ହୋଇଥିବାରୁ ଏହାର ଏପରି ନାମକରଣ କରାଯାଇଛି ବୋଲି ଅନେକେ ବିଶ୍ୱାସ କରିଥାନ୍ତି।

### କ'ଣ ଦେଖିବେ

ଏହି ହ୍ରଦଟି ଦେଖିବାକୁ ବେଶ୍ ଶାନ୍ତ ଓ ପରିଷ୍କାର। କିଛି ଲୋକ ଏହି ହ୍ରଦରୁ ମାଛ ଧରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ତା'ଛଡ଼ା ଏହି ହ୍ରଦର ଉଭୟ ପାର୍ଶ୍ୱରେ ନଡ଼ିଆ ଗଛ ଓ ତାଳ ଗଛ ଧାଡ଼ି ଧାଡ଼ି ହୋଇ ଲାଗିଥିବାର ଦୃଶ୍ୟ ମଧ୍ୟ ବେଶ୍ ମନୋରମ ଲାଗିଥାଏ ଦେଖିବାକୁ। ଏଥିରୁ ମଧ୍ୟ କିଛି ଲୋକଙ୍କର ରୋଜଗାର ହୋଇଥାଏ। ଏସବୁବ୍ୟତିତ ଏହି ହ୍ରଦ ନିକଟରେ ଜାତିଜାତିକା ପକ୍ଷୀ ଦେଖିବାର ମଧ୍ୟ ସୁବିଧା ମିଳିଥାଏ। ଅନ୍ୟଦିନ ତୁଳନାରେ ଶୀତଦିନେ ଏଠାରେ ଅଧିକ ସଂଖ୍ୟାରେ ପକ୍ଷୀ ଦେଖାଯାଇଥାନ୍ତି। କେବଳ ପକ୍ଷୀ କାହିଁକି ଏହି ହ୍ରଦ ନିକଟରେ ଥିବା ଏକ ଛୋଟ ସଂରକ୍ଷଣ କେନ୍ଦ୍ରରେ ପ୍ରାୟ ୨୬ ପ୍ରଜାତିର ପ୍ରଜାପତି, ୪୫ ପ୍ରକାରର ବିଭିନ୍ନ ସରୀସୃପ, ୫ ପ୍ରକାରର କଙ୍କି ତଥା ଆହୁରି ଅନେକ କିଛି ଦେଖିବାର ସୁଯୋଗ ପାଇଥାନ୍ତି ପର୍ଯ୍ୟଟକ। ଏସବୁ ବ୍ୟତିତ ପର୍ଯ୍ୟଟକ ହାଉସ୍‌ବୋଟ୍‌ରେ ମଧ୍ୟ ଏହି ହ୍ରଦରେ ବୁଲି ଅନେକ ନିଆରା ଅନୁଭୂତି ସାଉଁଟିଥାନ୍ତି।

### କେବେ ଓ କେମିତି ଯିବେ

ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଏହି ଆକର୍ଷଣୀୟ ସ୍ଥାନକୁ ବର୍ଷର ଯେ କୌଣସି ସମୟରେ ବୁଲିଯିବାର ସୁବିଧା ରହିଛି। ହେଲେ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ଯେ କୌଣସି ସମୟରେ ଏଠାକୁ ବୁଲିଗଲେ ବୁଲିବାର ଭରପୂର ମଜା ନେଇ ହୋଇଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଥିରୁଭାନନ୍ତପୁରମ୍ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ ହେଉଛି ଏଠାକାର ନିକଟତମ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ଏହାଛଡ଼ା ପର୍ଯ୍ୟଟକ ଚାହିଁଲେ ନିଜସ୍ୱ ଗାଡ଼ି ଦ୍ୱାରା ମଧ୍ୟ ଏଠାକୁ ବୁଲି ଯାଇପାରିବେ।

### ବୋଟିଂ, ଫିଶିଂର ନିଆରା ମଜା

ଯେହେତୁ ଏହି ସ୍ଥାନରେ ହ୍ରଦ ରହିଛି; ତେଣୁ ଏଠାରେ ପର୍ଯ୍ୟଟକ ବୋଟିଂ ସହିତ ଫିଶିଂ କରିବାର ନିଆରା ଅନୁଭୂତି ମଧ୍ୟ ନେଇପାରିବେ। ଏଥିସହିତ ଏଠାରେ ଚାଲିଚାଲି ବୁଲିବାର ମଜା ମଧ୍ୟ ନେଇପାରିବେ। ଏହାଛଡ଼ା ଏହି ହ୍ରଦରେ ଗାଧୋଇବାର ଅପୂର୍ବ ଆନନ୍ଦ ମଧ୍ୟ ଲଭିପାରିବେ। ସେହିପରି ଏଠାରେ ବୁଲିବା ସହିତ ସୁନ୍ଦର ସୁନ୍ଦର ଫଟୋ ଉଠାଇ ଖୁବ୍ ଖୁସି ମଧ୍ୟ ହୋଇପାରିବେ ପର୍ଯ୍ୟଟକ।

### ଜରୁରୀ ସୂଚନା

ବର୍ଷାଦିନେ ଏହି ହ୍ରଦରେ ପାଣି ଟିକେ ଅଧିକ ରହୁଥିବାରୁ ହ୍ରଦ ମଧ୍ୟକୁ ନ ଯିବାପାଇଁ ଏଠାରେ ପର୍ଯ୍ୟଟକଙ୍କୁ ସଚେତନ କରାଯାଇଥାଏ। ତା'ଛଡ଼ା ବୋଟିଂ ପାଇଁ ଯାଉଥିବା ପର୍ଯ୍ୟଟକଙ୍କୁ ସାହାଯ୍ୟ କରିବା ପାଇଁ ଏଠାରେ ଲାଇଫ୍ ଗାର୍ଡଙ୍କର ମଧ୍ୟ ବ୍ୟବସ୍ଥା ରହିଛି। ପର୍ଯ୍ୟଟକ ଚାହିଁଲେ ଏହାର ସୁବିଧା ମଧ୍ୟ ନେଇପାରିବେ।



# ବୋତାମ



**ବୋତାମ, ଛୋଟିଆ ଜିନିଷଟିଏ। କିନ୍ତୁ ବେଶ୍ ଜରୁରୀ। କେବେ ଭାବିଛନ୍ତି ଏହି ଛୋଟିଆ ଜିନିଷଟିକୁ ତିଆରି କରିବାର ଯୋଜନା ପ୍ରଥମେ କିଏ କରିଥିଲେ? ଆଉ ଯିଏ ବି କରିଥିଲେ ତାକୁ ଗୋଲାକାର କାହିଁକି କଲେ? ଜାଣନ୍ତୁ ଏହି ସବୁ ପ୍ରଶ୍ନର ଉତ୍ତର..**



ପୁରାତତ୍ତ୍ୱବିତ୍ତଙ୍କ ଅନୁସାରେ ମହେଞ୍ଜୋଦାରୋର ଖନନରୁ ଜଣାପଡିଛି ଯେ, ବୋତାମ ପ୍ରଥମେ ସିନ୍ଧୁ ସଭ୍ୟତା ବେଳେ ବ୍ୟବହାର ହୋଇଥିଲା। ଐତିହାସିକମାନେ ଅନୁମାନ କରନ୍ତି, ଏହାର ପ୍ରୟୋଗ ଖ୍ରୀ.ପୂ ୨୦୦୦ରେ ହୋଇଥିବ। ହେଲେ ସେତେବେଳେ ବୋତାମ ସାର୍ଟ କିମ୍ବା ଅନ୍ୟ ପୋଷାକକୁ ବନ୍ଦ କରିବା ଲାଗି ବ୍ୟବହାର ହେଉ ନ ଥିଲା। ବରଂ ହରପ୍ପାବାସୀ ଶାମୁକାରେ ତିଆରି ବୋତାମକୁ ଆଭୂଷଣଭାବେ ବ୍ୟବହାର କରୁଥିଲେ। କିଛି ବୋତାମ ସେତେବେଳେ ଜ୍ୟାମିତିକ ଆକାରରେ ବି ତିଆରି କରାଯାଉଥିଲା। ଆଉ ସେଥିରେ ଏକ କଣା କରାଯାଉଥିଲା। ଯେମିତିକି ତାକୁ କପଡାରେ ସୁତା ସାହାଯ୍ୟରେ ସିଲେଇ କରି ହେବ। ସେତେବେଳେ କାଠ କିମ୍ବା ପଥରରେ ବି ବୋତାମ ତିଆରି କରାଯାଉଥିଲା। ମହେଞ୍ଜୋଦାରୋରୁ ୫୦୦୦ ବର୍ଷ ପୁରୁଣା ଶାମୁକାରେ ତିଆରି ବୋତାମ ବି ଉଦ୍ଧାର ହୋଇଛି। ପୁରାତତ୍ତ୍ୱବିତ୍ତଙ୍କ ମତରେ ସେତେବେଳେ ବୋତାମକୁ ପୋଷାକର ଶୋଭା ବର୍ଦ୍ଧନ ପାଇଁ ବ୍ୟବହାର କରାଯାଉଥିଲା। ତା'ସହ ଏହା ବ୍ୟକ୍ତିଙ୍କର ଧନ ଓ ପ୍ରତିପତୀକୁ ବି ଦର୍ଶାଉଥିଲା। ତେବେ ସମୟ ଗଡିବା ସହ ବୋତାମକୁ କପଡାର ଫାଷ୍ଟନର୍‌ଭାବେ ବା କପଡାକୁ ବନ୍ଦ କରିବା ଲାଗି ବ୍ୟବହାର କରାଗଲା।



### ବ୍ୟବସାୟିକ ରୂପ ଦେଲା ଜର୍ମାନୀ

ଭାରତରେ ଏହାର ଉଦ୍ଭାବନ ହୋଇଥିଲେ ହେଁ ବ୍ୟବସାୟିକ ରୂପରେ ସାରା ପୃଥିବୀରେ ଏହାକୁ ପହଞ୍ଚାଇବାର ଶ୍ରେୟ ଜର୍ମାନୀକୁ ଯାଏ। ଜର୍ମାନୀ ତ୍ରୟୋଦଶ ଶତାବ୍ଦିରେ ପ୍ରଥମ କରି ସାରା ଦୁନିଆକୁ ବୋତାମ ସହ ପରିଚୟ କରାଇଥିଲା। ସେତେବେଳେ ବୋତାମ ମଝିରେ ଏକ କଣା ରହୁଥିଲା। ତ୍ରୟୋଦଶ ଶତାବ୍ଦିର ଶେଷଭାଗ ଓ ଚତୁର୍ଦ୍ଦଶ ଶତାବ୍ଦିର ପ୍ରାରମ୍ଭ ବେଳକୁ ଏହି ବୋତାମ ଜର୍ମାନୀରୁ ବାହାରି ୟୁରୋପରେ ପହଞ୍ଚି ସାରିଥିଲା।

### ବୋତାମର ଆକାର ଗୋଲ କାହିଁକି

ଅନେକ ସମୟରେ ମନରେ ପ୍ରଶ୍ନ ଉଠିଥିବ ବୋତାମ ଗୋଲାକାର କାହିଁକି? ତେବେ ବୋତାମ ଚାରିକୋଣିଆ ଓ ତିନି କୋଣିଆ ବି ଦେଖିଥିବେ। ହେଲେ ବେଶି ପସନ୍ଦ ଓ ବ୍ୟବହାର ହେଉଥିବା ବୋତାମର ଆକାର ହେଉଛି ଗୋଲ। ଏହାର କାରଣ ହେଉଛି ଗୋଲାକାର ବୋତାମ ପୋଷାକରେ ତିଆରି କାଜ ଭିତରେ ସହଜରେ ପଶିଯାଏ। ହେଲେ ଅନ୍ୟ କୌଣସି ଆକାରର ବୋତାମ ନୁହେଁ।

### ବୋତାମର ରାଜା

ଭାରତରେ ବୋତାମର ଆବିଷ୍କାର ହେଲା, ଜର୍ମାନୀ ବ୍ୟବସାୟିକ ରୂପରେ ଏହାର ବିକାଶ କଲା। ହେଲେ ଆଜିକାର ସମୟରେ ବୋତାମର ରାଜା ଚାଇନାକୁ କୁହାଯାଉଛି। ପୃଥିବୀରେ ହେଉଥିବା ଉତ୍ପାଦନର ୬୦% ବୋତାମ ଏଠାକାର ଝେଜିୟାଙ୍ଗ ପ୍ରାନ୍ତର କିୟୋତୁ ସହରରେ ଉତ୍ପାଦିତ ହୋଇଥାଏ। ସେଥିପାଇଁ ଏଇ ସହରକୁ 'ବଟନ୍ କ୍ୟାପିଟାଲ ଅଫ୍ ୱାର୍ଲଡ' ଏବଂ 'ବଟନ୍ ଟାଉନ୍' ବୋଲି କୁହାଯାଏ। ଏଠାରେ ପ୍ରତିବର୍ଷ ୧୫୦୦ କୋଟି ବୋତାମ ଉତ୍ପାଦିତ ହୋଇଥାଏ। ୨୦୧୯ର ଗ୍ଲୋବାଲ ରିପୋର୍ଟ ମୁତାବକ ଚାଇନା ପରେ ହଂକଂ, ଇଟାଲି, ଜାପାନ ଓ ଜର୍ମାନୀ ସବୁଠାରୁ ବେଶି ବୋତାମ ଉତ୍ପାଦନ କରୁଛନ୍ତି।

# ବଡ଼ ହଳ



ହଳକୁ କୃଷକର ବନ୍ଧୁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାଦ୍ୱାରା କ୍ଷେତକୁ ଖୋଳାଯାଇ ଚାଷ ପାଇଁ ଉପଯୋଗୀ କରାଯାଇଥାଏ। ତେବେ ଜାଣନ୍ତି କି ଏମିତି ବି ଏକ ହଳ ଥିଲା ଯାହାର ଓଜନ ୩୦ ହଜାର କି.ଗ୍ରା. ଥିଲା। ପୃଥିବୀର ସବୁଠାରୁ ବଡ଼ ହଳ ଭାବେ ପରିଚିତ ଉକ୍ତ ହଳକୁ ଏବେ ବ୍ୟବହାର କରାଯାଉ ନାହିଁ। ଏହାକୁ ମ୍ୟୁଜିୟମ୍‌ରେ ସଂରକ୍ଷିତ କରି ରଖାଯାଇଛି। 'ଓଟୋମେୟର ମାମୁଟ୍' ନାମରେ ପରିଚିତ ଉକ୍ତ ହଳର କାମ ଥିଲା ଦଳ ଅଞ୍ଚଳକୁ ଉର୍ବର ଜମିରେ ରୁପାନ୍ତରିତ କରିବା। ଏହି ହଳ ୨ ମିଟର ଗଭିରତା ପର୍ଯ୍ୟନ୍ତ ମାଟି ଖୋଳିପାରୁଥିଲା। ଉତ୍ତର ଜର୍ମାନୀର ଏମ୍ସଲାଣ୍ଡ ଜିଲା ଦଳ ଭର୍ତ୍ତି ହୋଇଯାଇଥିଲା। ତେଣୁ ୧୭୦୦ ମସିହା ବେଳକୁ ଏଠାରେ କେହି ରହିବାକୁ ଚାହୁଁ ନ ଥିଲେ। ତେବେ ବିଂଶ ଶତାବ୍ଦିର ପ୍ରାରମ୍ଭ ବେଳକୁ ପଶ୍ଚିମ ଜର୍ମାନୀର ସରକାର ଏହି ଅଞ୍ଚଳକୁ ଉର୍ବର କରିବାର ନିଷ୍ପତ୍ତି ନେଲେ। ଜର୍ମାନୀର ଇଞ୍ଜିନିୟର ଓଟୋମେୟର ଯେକି ଷ୍ଟିମ ଟ୍ରାକ୍ଟର ନିର୍ମାଣ ପାଇଁ ପରିଚିତ, ଏହାକୁ ଚ୍ୟାଲେଞ୍ଜଭାବେ ଗ୍ରହଣ କଲେ। ସେ ଓ ତାଙ୍କ ଟିମ୍ ଦିନ ରାତି ପରିଶ୍ରମ କରି ଏକ ବିଶାଳ ହଳ ତିଆରି କଲେ। ଉକ୍ତ ହଳରେ ୪ଟି ଶକ୍ତିଶାଳୀ ଷ୍ଟିମ୍ ଟ୍ରାକ୍ସନ ଇଞ୍ଜିନ୍ ଲଗାଯାଇଥିଲା। ଯାହାଦ୍ୱାରାକି ମଣିଷକୃତ ସବୁଠାରୁ ବଡ଼ ହଳକୁ ଟଣା ଯାଇପାରିବ। ୩୦ ହଜାର କି.ଗ୍ରା. ଓଜନର ଏହି ହଳର ଚକର ବ୍ୟାସ୍ ୪ ମିଟର ଓ ଏହାର ବିଶାଳ ବ୍ଲେଡ ଭୂମିରେ ୨ ମିଟର ଗଭିରତା ପର୍ଯ୍ୟନ୍ତ ଖୋଳି ପାରୁଥିଲା। ଏହା ଏତେ ଭାରି ଥିଲା ଯେ ତାକୁ କୌଣସି ଟ୍ରାକ୍ଟର ଟାଣିବା ସମ୍ଭବ ନ ଥିଲା। ସେଥିପାଇଁ ଏକ ଚରଖା ପରି ମେଶିନ୍ ଏଥିରେ ଲଗାଯାଇଥିଲା। ଯେଉଁଥିରେ ୪ଟି ଟ୍ରାକ୍ସନ ଇଞ୍ଜିନ ଲାଗିଥିଲା। ଏହି ଇଞ୍ଜିନକୁ ଜମିର ଦୁଇ ପାର୍ଶ୍ୱରେ ଲଗାଯାଉଥିଲା, ଯାହାକି ଧାତୁର ଦଉଡ଼ି ସାହାଯ୍ୟରେ ହଳକୁ ଟାଣୁଥିଲା। ୧୨ ବର୍ଷରେ ଏହି ହଳ ମାଧ୍ୟମରେ ୧୭୦୦୦ ହେକ୍ଟର ଜମି ଯୋତା ଯାଇ ଜମିକୁ ଉର୍ବର କରାଯାଇଥିଲା। ସେତେବେଳର ସେହି ପ୍ରୟାସ ପାଇଁ ଆଜି ଏହି ସ୍ଥାନ ସବୁଠାରୁ ଉର୍ବର ସ୍ଥାନ ମଧ୍ୟରେ ଏକ ପାଲଟିପାରିଛି। ୧୯୭୦ରେ ଯେବେ ଏହି ହଳର କାମ ପୂର୍ଣ୍ଣ ହେଲା ଏହି ହଳକୁ ବନ୍ଦ କରି ସଂଗ୍ରହାଳୟରେ ସଂରକ୍ଷିତ କରି ରଖିଦିଆଗଲା।

# ଭାର୍ଯ୍ୟାଂ ଶରଣଂ ଗଚ୍ଛାମି



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

ଦୁଇଦିନ ତଳେ ସାବିତ୍ରୀ ଅମାବାସ୍ୟା ଗଲା । ସବୁ ସତ୍ୟବାନ୍‌ଙ୍କ ଭଳି ମୁଁ ମଧ୍ୟ ଆମ୍ଭ ସାବିତ୍ରୀଙ୍କଠାରୁ ବହୁ ଆକାଂକ୍ଷିତ ବାର୍ଷିକ ଭୂମିଷ୍ଠ ମୁଣ୍ଡିଆ ପାଇ ବେଶ୍ ଆନନ୍ଦିତ। ଦିନଯାକ କେବଳ ଫଳ ଆହାର କରି ମୋ ଦୀର୍ଘଜୀବନ ପାଇଁ ବ୍ରତ ପାଳିବା କ'ଣ କମ୍ କଥା କି ! ଏଥିପାଇଁ ମୋ ସାବିତ୍ରୀଙ୍କୁ ଯେତେ ଧନ୍ୟବାଦ ଦେଲେବି କମ୍ ହେବ। ଅକୃତଜ୍ଞ ସତ୍ୟବାନ୍‌ମାନେ ସାବିତ୍ରୀଙ୍କୁ ନେଇ ଯେତେ ଯାହା ମଜା କଲେ ବି ମୁଁ ଜାଣିଛି ସ୍ତ୍ରୀ ଖୁସି ହେଲେ ଦୁନିଆ ଖୁସି। ସେ ହିଁ ସରସ୍ୱତୀ, ସେଇ ଲକ୍ଷ୍ମୀ, ସେଇ ସାକ୍ଷାତ୍ ମହିଷମର୍ଦ୍ଦିନୀ , ସେଇ ହାସ୍ୟମୟୀ ସେଇ ଭାସ୍ୟମୟୀ। ସେଇ ପୁଣି ତ୍ରିକାଳଦର୍ଶୀ। ତାରି ପାଦରେ ଧନ, ହାତରେ ଆୟୁଷ, ଚାହାଣିରେ ଯୌବନ ସବୁକିଛି । ସ୍ନେହମୟୀ ମାଆ ସିନା ସଂସାରକୁ ଆଣିଲା ହେଲେ ପ୍ରେମମୟୀ ତାକୁ ସାଂସାରିକ କଲା। ଶାସ୍ତ୍ର କହୁଛି ଯଥା ରାମସ୍ୟ ସୀତା। ଯେତେ ହୋମଯଜ୍ଞ, ପୂଜାପାଠ, ଧର୍ମକର୍ମ ସବୁଥିରେ ରାମଙ୍କ ସାଥିରେ ସୀତା ଦରକାର। ସୀତା ବିନା ରାମ ବେକାର। ସୀତା ବିନା ଜନ୍ମକଲା ମାଆ ପରା ପିଣ୍ଡ ପାଇବନି । ଦ୍ରୌପଦୀ ନ ଥିଲେ କୋଉ ମହାଭାରତ ଯୁଦ୍ଧ ହୋଇଥାନ୍ତା ନା ଭଗବତ ଗୀତାର ବ୍ୟାଖ୍ୟା । ସୀତା ନ ଥିଲେ କୋଉ ଲଙ୍କାକାଣ୍ଡ ହୋଇଥାନ୍ତା ନା ସାତଖଣ୍ଡ ରାମାୟଣ ଲେଖାଯାଇଥାନ୍ତା। ଗୋଟିଏ ଖଣ୍ଡରେ କାହାଣୀ ଶେଷ। ସାବିତ୍ରୀ ନ ଥିଲେ ସତ୍ୟବାନ୍ କେଉଁ ଯମପୁରରୁ ଫେରିଥାନ୍ତେ!

ସାବିତ୍ରୀମାନଙ୍କ ଯେ ଏତେ ମହାତ୍ମ୍ୟ ଏଇ କଥା ହେତୁପାଇଲା ବେଳକୁ ବେଳ ଗଡ଼ିଗଲାଣି । ବିଚାରି ଆମ ସାବିତ୍ରୀ, ଏଠି ଦିନଯାକ ଖଟି ଖଟି ଡାଙ୍ଗ ହେଇଗଲେଣି । ଉପରେ ପୁଣି ବନ୍ଧୁବାନ୍ଧବ । ଥରେ ଆସିଲେ ଦୁଇ ତିନିଦିନ ଯାଏଁ ଯିବା ନାଁ ଧରିବେନି । ଏକଲା ମଣିଷ କେତେ ଖଟିବ ଯେ ! ସକାଳ ପହରୁ ରାତିଅଧ ଯାଏଁ ଖାଲି କାମ ଆଉ କାମ । ପର ଝିଅଟା ବୋଲି କିଛି କହିପାରୁନି ସିନା ହେଲେ ସବୁ ଅନ୍ୟାୟକୁ ଉପରେ ଜଣେ ଦେଖୁଛି କି ନା । ଧର୍ମ ସହିବ ? ଶାଶୁ କହୁଥିଲେ କାଳେ ତାଙ୍କ ଘରେ ଆମର ଇଏ କୁଟା ଖଣ୍ଡକୁ ଦି'ଖଣ୍ଡ କେବେ କରିନଥିଲେ । ଅବଶ୍ୟ ଏଇଟା ସତ ହୋଇଥିବ ବୋଲି ମୋର ବେଳେବେଳେ ବିଶ୍ୱାସ ହୁଏ। ବାପଘରର ଯେଉଁ ଡଉଲଡାଉଲ ଚେହେରାଟା ଏଠିକି ଆସି କଳାକାଠ ପଡ଼ିଗଲାଣି । କୋଉ ମାଆ ସହିପାରିବ ? କେତେଥର ୟାଙ୍କ ମୁହଁକୁ ଦେଖି ଶାଶୁମା କାନିରେ ଆଖି ପୋଛିବାର ମୁଁ ନିଜେ ଦେଖିଛି । ବୁଢ଼ୀଲୋକର ଲୁହ ପଡିବନି ? ଝିଅ ଜନମ ପର ଘରକୁ ବୋଲି କ'ଣ ଏତେ ଅନ୍ୟାୟ । ଯେତେହେଲେ ମୋର ବି ଗୋଟିଏ ଝିଅ ଅଛି ନା । ଆଉ ସହିହେବନି । ଜଗତରେ ନ୍ୟାୟ ଅନ୍ୟାୟ ବୋଲି ଗୋଟେ ଜିନିଷ ଅଛି ନା ନାହିଁ? ଅନେକଥର କଥାଛଳରେ କହିଛି ତୁମେ ଏକୁଟିଆ ଏତେ ଖଟୁଛ ମୋତେ ଜମାରୁ ଭଲ ଲାଗୁନି । ମୁଁ ଭାବୁଛି ଆଉ ଜଣଙ୍କୁ...... । ତୁମ କାମବି ଅଧା ହୁଅନ୍ତା ତୁମେ ବି ଟିକେ ଆରାମ କରନ୍ତ। ଓଃ କି ଉଦାର ହୃଦୟ ତାଙ୍କର! କହିବେ ଆଉ ତୁମର ରୋଜଗାର ଯେତିକି ସେଥିରେ ଜଣଙ୍କୁ ସମ୍ଭାଳିପାରୁନ ଆଉ ଜଣଙ୍କୁ ଆଣିଲେ ତୁମକୁ ଅଧିକ ଖଟଣି ପଡ଼ିବ। ତୁମ ସ୍ୱାସ୍ଥ୍ୟ ଅବସ୍ଥା ଯାହା ଏତେ ଖଟଣି ସମ୍ଭାଳି ପାରିବନି । ବାହାବେଳେ ବାପ ଘରୁ ଯେଉଁ ଦୁଇହଳ ଆଣିଥିଲି ତାକୁ ପନ୍ଦର ବରଷ ହେଲା ଧୋଇ ଶୁଖେଇ ପିନ୍ଧୁଛି। ରୁମାଲ ଖଣ୍ଡେକୁ ତୁମର ଅଭାବ । ଆଉ ଜଣଙ୍କୁ ଆଣି ତୁମେ ଖଟି ଖଟି ମରିବ ଆଉ ମୁଁ ଆରାମ କରିବି ? ହେବନି । ଜୀବନ ଥିବା ଯାଏଁ ଏମିତି ମରିପଡ଼ି ଖଟୁଥିବି କିନ୍ତୁ ଦୁଇଟା ନାଆରେ ଗୋଡ଼ ରଖି ତୁମ ହୀନସ୍ତା ଦେଖିପାରିବିନି । ମୁଁ ତ ଏଠି ଯେଉଁ ସୁଖ କରୁଛି ଛାଡ଼ । କେତେ ନେହୁରା ହେଲାପରେ କୋଉ ଦଶନ୍ଧି ତଳେ ଥରେ ସିନେମା ଦେଖେଇ ନେଇଥିଲ । ହଲ୍‌ରେ ପହଁଚିଲା ବେଳକୁ ହାଉସ୍‌ଫୁଲ । ସେ ପୋଡ଼ାମୁହାଁ ବ୍ଲାକର କେମିତିକା ଟିକଟ ଦେଲା ଯେ ତୁମେ ଏ'ରୋ ରେ ବସିଲ ମୁଁ କେ'ରୋ ରେ । କେତେ ଅନୁରୋଧ କଲୁ ସେ ଟର୍ଚ୍ଚବାଲାକୁ, କ'ଣ ହେଲା !! କହିଲା କ'ଣ ନା ବସିଥାଅ ମୁଁ ଦେଖୁଛି । ବାଡ଼ିପଡ଼ା ସିନେମା ସରିଗଲା ପଛେ ତା ଦେଖା ମିଳିଲା ନାହିଁ । କଥାରେ ପରା ଅଛି ମନ ନେଇ ଫଳ । ତୁମର କ'ଣ ସତରେ ଇଚ୍ଛା ଥିଲା କି ମୋ ସାଙ୍ଗରେ ସିନେମା ଯିବା ପାଇଁ । ଖାଲି ଲୋକଦେଖାଣିଆ ନା । ହେଇ ଦେଖୁନ ଖୁଣ୍ଟିଆ ବାବୁଙ୍କୁ, କ'ଣ ନ କରୁଛନ୍ତି ସେ ଘର ପାଇଁ ? ? ପିଲାମାନଙ୍କ କଥା ବୁଝିବା ସହ ଘର କାମଠୁ ନେଇ ରୋଷେଇବାସ ସବୁଥିରେ ଆଗଭର । ତାଙ୍କ ସ୍ତ୍ରୀକୁ ଖଟରୁ ଓହ୍ଲେଇ ଦେଉନାହାନ୍ତି ।



(ଏ ଯୁଗଜନ୍ମା ଖୁଣ୍ଟିଆ ବାବୁଙ୍କ ଯୋଗୁଁ ମୁଁ ଘରେ ରୋଜ୍ ଖୁଣ୍ଟା ଖାଉଛି)ଆଉ ତୁମେ ! ସକାଳୁ ହାତକୁ ଚାହା କପେ ନ ଦେବା ଯାଏଁ ସେମିତି ଖଟ ଉପରେ ଭକୁଆ ଭଳି ଅନେଇଥିବ । ମୁଁ ଏଠି ଏତେ ଦହଗଞ୍ଜ ହଉଛି ଆଉ ଜାଣିଶୁଣି ଅନ୍ୟ ଗୋଟେ ଝିଅର ଜୀବନ ନଷ୍ଟ ହେବା କେମିତି ଦେଖିବି ? ଦେଖିଲେ ପରା ମୋ କଲିଜା ଫାଟିଯିବ। ଥାଉ ତୁମେ ଆଉ ମନ ଦୁଃଖ କରନା । ମୋ ଜୀବନ ପଛେ ନର୍କେ ପଡ଼ିଥାଉ ତୁମ ସଂସାର ଉଦ୍ଧାର ହେଉ । ପିଲାମାନେ ଏବେ ଛୋଟ ଅଛନ୍ତି । ସେମାନଙ୍କ ବାହାକାମ ସାରି ଆଗ ନାତିନାତୁଣୀ ଦେଖିସାରେ ତା'ପରେ ମରିବି । ମୁଁ ମଲାପରେ ଯଦି ତୁମ ଇଚ୍ଛା ହୁଏ ତାହାହେଲେ ଆଉ କାହାକୁ ଆଣିବ ଯଦି ଆଣ । ମୁଁ ଥିବି ଯେ ତା ଦୁଃଖ ଦେଖିବି। ସାବିତ୍ରୀ ସିନା ସତ୍ୟବାନ୍‌ଙ୍କ ପାଇଁ ତପକରି ଯମ ସହ ଲଢ଼ିଲେ ହେଲେ କେଉଁ ସତ୍ୟବାନ୍ ସାବିତ୍ରୀ ପାଇଁ ଯମ ସହ ଲଢ଼ିଛି ଟିକେ କହିଲ। ସତରେ ମୋ ପ୍ରେମମୟୀ କେତେ ଉଦାର, ସ୍ନେହୀ, ହୃଦୟବାନ୍ । ମୋ ସୁଖ ପାଇଁ ତାଙ୍କର ଏତେ ଚିନ୍ତା । ଓଃ ମୁଁ କି କୁଳାଙ୍ଗାରଟା । ଟିକେ ବି ତାଙ୍କୁ ଚିହ୍ନିପାରିଲି ନାହିଁ। କେତେ ମାନବୀୟ ଚିନ୍ତାଧାରା ତାଙ୍କର । କେତେ ବିଶାଳ ହୃଦୟ । ନିଜେ ପଛେ ଖଟି ଖଟି ମରିବେ କିନ୍ତୁ ଆଉ କାହାର ଦୁଃଖ ଦେଖିପାରିବେ ନାହିଁ । ଏତେବଡ଼ ବନ୍ଦନୀୟା ମହୀୟସୀ ମହିଳାଙ୍କ ସାନ୍ନିଧ ଲାଭକରି କିଛି ବି ଶିଖିପାରିଲି ନାହିଁ । ଧିକ ମୋ ଜୀବନକୁ । ହେ ପ୍ରଭୁ ଉଠେଇନେ ମୋତେ ଆଉ ଅଧିକ ପାପ ପାରିବିନି । ମୁକ୍ତି ଦେ ମୋତେ। ହେଲେ କେଉଁ ମୁକ୍ତି ମିଳୁଛି । ଭୁଲ୍ ପରା ବାହାବେଦିରୁ ହେଇଯାଇଛି । ସାତଜନ୍ମ ପାଇଁ ଆମ ଦୁହିଁଙ୍କୁ ବାନ୍ଧିବା ମନ୍ତ୍ର ପଢିବା ପୂର୍ବରୁ ଥରେ ହେଲେ ଯଦି ନନା ଆମ ଦୁହିଁଙ୍କୁ ଅଲଗା ଅଲଗା ଡାକି ପଚାରି ଦେଇଥାନ୍ତେ ତେବେ ମୋ ଯୋଗୁଁ ୟେ ଆଉ ବାକି ଛଅ ଜନ୍ମ ଦୁଃଖ ପାଇ ନ ଥାନ୍ତେ । ଲୀଳାଧାରୀଙ୍କ ଏ କି ଅପୂର୍ବ ଲୀଳା ! ବିଭିନ୍ନ ଜନ୍ମରେ ନିଜେ ଅଲଗା ଅଲଗା ପତ୍ନୀ ଗ୍ରହଣ କରିଛ ଅଥଚ ଆମ ସାବିତ୍ରୀମାନଙ୍କୁ ସାତଜନ୍ମ ପାଇଁ ସେଇ ଗୋଟିଏ ସତ୍ୟବାନ୍‌ର ବର କେମିତି ଦେଉଛ ? ଘୋର ଅନ୍ୟାୟ ପ୍ରଭୁ । ଆଗକୁ ସାବିତ୍ରୀ ସାତ ଜନ୍ମର ବର ମାଗିବା ପୂର୍ବରୁ ଯଦି କୌଣସି ସତ୍ୟବାନ୍‌ଙ୍କ ସହମତି ନେଇନାହାନ୍ତି ତେବେ ସେ ଅନୁରୋଧ ସ୍ୱୟଂ ବାତିଲ ବୋଲି ଧରାଯାଉ । ମୋ କଥାକୁ ଅନ୍ୟଥା ନିଅନ୍ତୁ ନାହିଁ ପ୍ରଭୁ । ମୋ ଚିନ୍ତା କେବଳ ମୋ ଦେବୀତୁଲ୍ୟ ପତ୍ନୀଙ୍କ ପାଇଁ । ମୋ ଭଳି କୁଳାଙ୍ଗାରକୁ ସାତଜନ୍ମ ଧରି ଭୋଗିବାର ଅଭିଶାପ ଯେମିତି ତାଙ୍କୁ ନ ମିଳୁ । ସେ ଲୋକକୁ ନର୍କରେ ବି ଜାଗା ନ ମିଳୁ। ଯିଏ କହିଛି ନିଜର ଛୁଆ ଓ ଅନ୍ୟର ସ୍ତ୍ରୀ ସମସ୍ତଙ୍କୁ ଭଲ ଲାଗେ । କିନ୍ତୁ ମୋତେ କେବଳ ନିଜ ପତ୍ନୀ ହିଁ ଭଲ ଲାଗନ୍ତି । ଏହାକୁ କାହାର ପ୍ରେସର୍ ରେ କିମ୍ବା କିଏ ସାମ୍ନାରେ ବସିଛନ୍ତି ବୋଲି ଏତକ ଲେଖୁଛି ଏମିତି ଦୟାକରି ଭାବନ୍ତୁ ନାହିଁ। ଏବେ ମୋ ଆଖି ଖୋଲିଯାଇଛି। ପତ୍ନୀଙ୍କ ସେବା ହେଲା ମହାପୁଣ୍ୟ। 'ସକଳ ତୀର୍ଥ ତାଙ୍କ ଚରଣେ, ବଦ୍ରିକା ଯିବି କି କାରଣେ।' ''ତାଙ୍କ ଚରଣେ ନିତ୍ୟ ଧ୍ୟାନ, କରି ତରନ୍ତି ପତିଜନ।''

*–ବନମାଳୀ ଭବନ, ଖାନ୍‌ନଗର, କଟକ*


*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ମୋ ସ୍ମୃତି ମୋ ଅନୁଭୂତି

**ପ୍ରତାପ କେଶରୀ ଦେଓ, ଅନୁବାଦ: ଡକ୍ଟର ନୃପରାଜ ସାହୁ**
**ପ୍ରକାଶକ–ଏଥେନା ବୁକ୍ସ, ଭୁବନେଶ୍ୱର–୨, ମୂଲ୍ୟ– ୩୦୦ଟଙ୍କା**


Memoirs of a Bygone Eraର ମୂଳ ଲେଖକ ହେଉଛନ୍ତି କଳାହାଣ୍ଡି ମହାରାଜା ପ୍ରତାପ କେଶରୀ ଦେଓ ଏହାକୁ ଅନୁବାଦ କରିଛନ୍ତି ଡକ୍ଟର ନୃପରାଜ ସାହୁ । ଏଥିରେ ମହାରାଜାଙ୍କ ସମ୍ପର୍କରେ ୧୨ଟି ଅଧ୍ୟାୟରେ ଆଲୋଚନା କରାଯାଇଛି। ମହାରାଜା ପ୍ରତାପ କେଶରୀ ଦେଓ । କଳାହାଣ୍ଡିରେ ପ୍ରାୟ ଏକ ସହସ୍ରାବ୍ଦୀ ଧରି ଶାସନ କରି ଆସିଥିବା ପ୍ରସିଦ୍ଧ ନାଗରାଜବଂଶର ଏକତିରିଶତମ ବା ଶେଷ ଶାସକ; ଯିଏକି ସ୍ୱାଧୀନୋତ୍ତର ଭାରତ ବର୍ଷରେ ଯେଉଁ କେତେଜଣ ପୂର୍ବତନ ରାଜା ଓ ମହାରାଜା ବିଭିନ୍ନ ରାଜନୈତିକ ଦଳରେ ସାମିଲ ହୋଇ ଉଭୟ ଶାସକ ଓ ଜନପ୍ରତିନିଧି ଭାବେ ଉତ୍କର୍ଷତା ଲାଭ କରିଛନ୍ତି ତାଙ୍କ ମଧ୍ୟରୁ ଜଣେ। ତାଙ୍କର ନିଷ୍ଠାପର ସମାଜ ସେବା, କାର୍ଯ୍ୟଦକ୍ଷତା, ପ୍ରତିବଦ୍ଧତା ତାଙ୍କୁ ଜଣେ ସଫଳ ରାଜନେତା ଭାବେ ଜନାଦୃତ କରି ପାରିଥିଲା। ପୁସ୍ତକର ଏହି ଓଡିଆ ଅନୁବାଦ ଐତିହାସିକ ଗବେଷଣା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।




### ଏକବିଂଶ ଶତାବ୍ଦୀ ଓ ଅନ୍ୟାନ୍ୟ କବିତା

**ରମେଶ ଚନ୍ଦ୍ର ପଣ୍ଡା,ପ୍ରକାଶକ–ବନଫୁଲ, ଭୁବନେଶ୍ୱର**
**ମୂଲ୍ୟ–୨୫୦ଟଙ୍କା**

ଏକ ବିଂଶ ଶତାବ୍ଦୀ ଓ ଅନ୍ୟାନ୍ୟ କବିତା ରମେଶ ଚନ୍ଦ୍ର ପଣ୍ଡାଙ୍କ କବିତା ସଂକଳନ । ଏଥିରେ ୧୪ଟି କବିତା ପ୍ରକଶିତ ହୋଇଛି । ଏବେ ଘଟୁଥିବା ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସମସ୍ୟାର କରୁଣ ଚିତ୍ର କବି ଏଥିରେ ଆଙ୍କିଛନ୍ତି। ଏହାହିଁ ସଂକଳନର ମୁଖ୍ୟ। ବହିଟିରେ ୨ଟି ବିଭାଗ ରହିଛି ଗୋଟିଏ ଆଧୁନିକ କାବ୍ୟ 'ଏକବିଂଶ ଶତାବ୍ଦୀ'' ଅବଶିଷ୍ଟ ଛୋଟ କବିତାଗୁଡିକ ଆଉ ଏକ ପର୍ଯ୍ୟାୟଭୁକ୍ତ କରାଯାଇଛି। ଛୋଟ କବିତାଗୁଡିକ ବ୍ୟଙ୍ଗ କବିତା, ସହିତ୍ୟ, ରାଜନୀତି, ସମାଜ ଓ ଅର୍ଥନୀତି ସବୁଠି ଅବକ୍ଷୟର ଚିତ୍ର ଦେଖିବାକୁ ମିଳୁଛି। କବି କହୁଛନ୍ତି ଏହାକୁ ଆମେ ସମସ୍ତେ ବିରୋଧ କରିବା ଉଚିତ୍ । ସମାଜର ଉପରୁ ତଳଯାଏ ଯେଉଁ ନୈତିକ ଅଧୋପତନ ହେଉଛି ତାହା କବିଙ୍କୁ ଅନେକାଂଶରେ ଦୁଃଖ ଦେଇଛି। ସେହି ଦୁଃଖର ଅଭିବ୍ୟକ୍ତି ହେଉଛି ଏ କବିତା ସଂକଳନ ; ଯାହା ପାଠକଙ୍କ ମନକୁ ଛୁଇଁବ ବୋଲି ଆଶା।




### ଏବଂ ତା' ପରେ

**ପ୍ରଦ୍ୟୁମ୍ନ ପଟ୍ଟନାୟକ, ପଶ୍ଚିମା ପବ୍ଲିକେଶନ୍ସ**
**ଭୁବନେଶ୍ୱର, ମୂଲ୍ୟ– ୧୮୯**

ଏବଂ ତା' ପରେ ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ଗଳ୍ପ ସଂକଳନ । ଏଥିରେ ୧୫ଟି ଗପ ପ୍ରକାଶିତ ହୋଇଛି। ଗପ ଗୁଡିକ ସରଳ ଓ ବୋଧଗମ୍ୟ। ପ୍ରଥମ ଗପ ଅସମାହିତ ସମ୍ପର୍କ ସେଥିରେ ସେ ସୁନିତା ଓ ସୁନିଲ ଚରିତ୍ରକୁ ଏଭଳି ଭାବେ ଉପସ୍ଥାପନା କରିଛନ୍ତି ଯାହା ଜଣେ ପଢିଲେ ଶେଷ ନ କଲେ ରହି ପାରିବନି । ସେହିପରି ବହିର ନାମକରଣ କରାଯାଇଥିବା 'ଏବଂ ତା ପରେ' ଗପ ପଢିଲେ ସେଥିରେ ରାଧାକାନ୍ତ ବାବୁ ଓ ରମାଦେବୀଙ୍କ କଥା ମନକୁ ଆସେ । ଲେଖକ କହିଛନ୍ତି, ମଣିଷ ଜୀବନ ଯୌବନରେ ଯେତେ ପ୍ରତିପତ୍ତିଶାଳୀ ହେଲେ ମଧ୍ୟ ଅନାଦର ଏବଂ ଅବହେଳା ଯୋଗୁ ସେମାନେ ଶେଷ ଜୀବନ ଜରାଶ୍ରମକୁ ଆଦରି ନିଅନ୍ତି । ସେଥିରେ ନାରୀ ମନସ୍ତତ୍ତ୍ୱ କଥା ମଧ୍ୟ ରମାଦେବୀ କହିଛନ୍ତି, ସବୁ ବୋହୂ ଘର ଭାଙ୍ଗନ୍ତି ନାହିଁ। ସେହିପରି ପିତାଶତ୍ରୁ କିମ୍ବା ଅଖିମୁଠି ଗପ ପଢିଲେ ମଧ୍ୟ ଆପଣ ଅନୁଭବ କରିବେ ଗାଳ୍ପିକଙ୍କ ଅଭିମୁଖ୍ୟ । ପୁସ୍ତକଟି ନିଶ୍ଚୟ ଆଦର ଲାଭ କରିବ ।



# ଏମିତି ଗାଁ ଯେଉଁଠି ଝିଅ ହେଇଯାଏ ପୁଅ

ବେଳେବେଳେ ଆମେ ଏମିତି କିଛି ଘଟଣା ସମ୍ପର୍କରେ ଶୁଣୁ ଯାହାକୁ ବିଶ୍ୱାସ କରି ହୁଏନା। ସେମିତି ଏକ କଥା ସମ୍ପର୍କରେ ଆମେ ଏଠାରେ କହୁଛୁ। ସାଧାରଣତଃ ତରୁଣ ଅବସ୍ଥା ଉଭୟ ଝିଅ ଓ ପୁଅଙ୍କ ପାଇଁ ଏକ ଅଜବ ଓ କଠିନ ସମୟ ହୋଇଥାଏ। ଏହି ସମୟରେ ଶାରିରୀକ ଓ ମାନସିକ ସ୍ତରରେ ଅନେକ ପରିବର୍ତ୍ତନ ଘଟେ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ 'ଡୋମିନିକନ ରିପବ୍ଲିକ୍‌ର ଲା ସାଲିନାସ' ନାମକ ଏକ ଗାଁରେ ଘଟେ ଏକ ଅଜବ ଘଟଣା। ଏହି ଗାଁର ଝିଅମାନେ ତରୁଣ ଅବସ୍ଥାକୁ ଆସିବା ପରେ ସେମାନଙ୍କ ଲିଙ୍ଗ ଆପେ ବଦଳିଯାଏ, ଶାରିରୀକ ଗଠନ ବଦଳିଯାଏ, କଣ୍ଠସ୍ୱର ଭାରି ହୋଇଯାଏ। ଆଉ ସେମାନେ ପାଲଟି ଯାଆନ୍ତି ପୁଅ। ଏହି କାରଣ ଲାଗି ଏଠାକାର ଅଧିବାସୀ ନିଜ ଗାଁକୁ ଅଭିଶପ୍ତ ବୋଲି କୁହନ୍ତି। ଆଉ ଗାଁରେ ଝିଅ ଜନ୍ମ ହେଲେ ଲୋକେ ବହୁତ ଦୁଃଖ କରନ୍ତି। ଗାଁର ୯୦ଜଣ ପିଲାରୁ



ଜଣେ ପିଲା ଏହି ସ୍ଥିତି ଦେଇ ଗତି କରିଥାଏ। ତେବେ ଏହା କେମିତି ସମ୍ଭବ ହେଉଛି ତା'ର କାରଣ ବୈଜ୍ଞାନିକମାନେ ବି ଖୋଜି ପାରି ନାହାନ୍ତି। ଗାଁ ଲୋକେ ତ ଭାବନ୍ତି କୌଣସି ଅଦୃଶ୍ୟ ଶକ୍ତିର ଛାଇ ଗାଁ ଉପରେ ରହିଛି। ତେବେ ଡାକ୍ତର କହୁଛନ୍ତି ଏହା କୌଣସି ଆନୁବଂଶିକ ବିକାର ଅଟେ। ସ୍ଥାନୀୟ ଭାଷାରେ ଏଭଳି ରୋଗରେ ପିଡିତ ପିଲାଙ୍କୁ ସୁଡ଼ୋହର୍ମାଫ୍ରଡାଇଟ୍ କୁହାଯାଏ। ଏହି କାରଣରୁ ଏବେ ଏଠାରେ ଝିଅଙ୍କ ସଂଖ୍ୟା କମିବାକୁ ଲାଗିଲାଣି।



ବ୍ୟାକ୍ ପେଜ୍

# ମି. ଡୁଡଲ୍‌ଙ୍କ ଡୁଡଲ୍ ଆର୍ଟ ଘର



ଇଂଲଣ୍ଡର ସାମ୍ କକ୍ସ କଳା ଧଳା ଡୁଡଲ୍ ଆର୍ଟ କରିବାରେ ବେଶ୍ ଧୁରିଣ। ସେ ଏକ ଡୁଡଲ ପପ୍ ଅପ୍ ଦୋକାନ ବି କରିଛନ୍ତି। ଡୁଡଲ୍ ଆର୍ଟ କରି ସେ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରନ୍ତି। ତାଙ୍କର ୨.୭ ମିଲିୟନ ଫଲୋୟର୍ ଅଛନ୍ତି। ଡୁଡଲ୍ ଆର୍ଟ ପ୍ରତି ସମର୍ପିତ ସାମ୍‌ଙ୍କୁ ଲୋକେ ମି.ଡୁଡଲ୍ ବୋଲି କୁହନ୍ତି। ତେବେ ତାଙ୍କର ଏକ ସ୍ୱପ୍ନ ଥିଲା ନିଜ ଘରକୁ ବି ସେ ଡୁଡଲ୍ ଆର୍ଟ କରି ସଜାଇବେ। ୨୦୧୯ରେ ସେ ୬ଟି ବେଡରୁମ୍ ଥିବା ଏକ ସୁନ୍ଦର ମାନ୍‌ସନ୍ କିଣିଲେ। ଆଉ ନିଜର ଏହି ଘରକୁ ଡୁଡଲ୍ ଆର୍ଟରେ ସଜାଇବା ଲାଗି ଦିନ ରାତି ଏକ କରି ଦେଲେ। ସେ ନିଜର ମୁଖ୍ୟ ବେଡରୁମ୍‌ରେ ଡ୍ରିମ୍ ଥିମ୍‌ରେ ଡୁଡଲ ଆର୍ଟ କରିବାବେଳେ ବାଥ୍‌ରୁମ୍‌ରେ କରିଛନ୍ତି ସମୁଦ୍ର ଥିମ୍‌ର ଡୁଡଲ୍ ଆର୍ଟ। ଘରର ପ୍ରତି କୋଣ ଅନୁକୋଣକୁ ସେ ଡୁଡଲ୍ ଆର୍ଟରେ ଆଚ୍ଛାଦିତ କରି ଦେଇଛନ୍ତି। ଏମିତିକି ନିଜ ଟେସ୍‌ଲା କାର୍, ବିଭିନ୍ନ ଯାନ୍ତ୍ରିକ ଉପକରଣ ଉପରେ ବି ସେ ଡୁଡଲ୍ ଆର୍ଟ କରିଛନ୍ତି। ସାମ୍ କୁହନ୍ତି, 'ଡୁଡଲ୍ ଆର୍ଟ କଲେ ତାଙ୍କୁ ମାନସିକ ଶାନ୍ତି ମିଳେ। ସେ ଯେଉଁଦିନ ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଏହି ଆର୍ଟ କରନ୍ତି ତାଙ୍କର ଭଲ ନିଦ ହୁଏ।'ସାମ୍‌ଙ୍କ ପତ୍ନୀ ବି ସାମ୍‌ଙ୍କ କଳାକୁ ବେଶ୍ ସମ୍ମାନ କରନ୍ତି। ଆଉ ଏହି ନିଆରା ଘର ଏବେ ଏଠାକାର ଆକର୍ଷଣ ପାଲଟିଛି।





# ମହାକାଶରେ ରେଷ୍ଟୁରାଣ୍ଟ

ସବୁବେଳେ ଘରେ ଖାଇ ଖାଇ ଯେବେ ବୋର୍ ଲାଗେ ଆମେ କୌଣସି ଭଲ ରେଷ୍ଟୁରାଣ୍ଟକୁ ଯାଉ ଅବା ବଣଭୋଜି କରିବାକୁ ଯାଉ। ଅର୍ଥାତ୍ ମଣିଷ ଚାହେଁ କିଛି ଭିନ୍ନତା। ଏହାକୁ ନଜରରେ ରଖି ଫ୍ରାନ୍ସର ଜେଫାଲ୍ଟୋ ନାମକ ଏକ ଷ୍ଟାର୍ଟଅପ୍ କମ୍ପାନୀ ଅନ୍ତରୀକ୍ଷ ବା ମହାକାଶରେ ରେଷ୍ଟୁରାଣ୍ଟ ଖୋଲିବାକୁ ଯାଉଛି। ୨୦୨୫ରୁ ରୋମାଞ୍ଚ ସହ ସ୍ୱାଦିଷ୍ଟ ଖାଦ୍ୟ ଖାଇବାର ଇଛା ରଖୁଥିବା ଗ୍ରାହକ ଏହି ରେଷ୍ଟୁରାଣ୍ଟରେ ଖାଇବାର ସୁଯୋଗ ପାଇପାରିବେ। ଏୟାରୋସ୍ପେସ୍ ଇଞ୍ଜିନିୟର ଭିନସେଣ୍ଟ ଫୈରେଟ୍ ଡି ଏସ୍ପିସ୍‌ଙ୍କ ଦ୍ୱାରା ସ୍ଥାପିତ ଜେଫାଲ୍ଟୋ କମ୍ପାନୀ ଗ୍ରାହକଙ୍କୁ ଏକ ବଡ଼ ବେଲୁନ୍ ସାହାଯ୍ୟରେ ମହାକାଶକୁ ନେବାର ଯୋଜନା କରୁଛି। ଏହା ସଫଳ ହେଲେ ଲୋକେ ଭୂମିଠାରୁ ୨୫ କି.ମି. ଉଚ୍ଚତାରେ ହିଲିୟମ କିମ୍ବା ହାଇଡ୍ରୋଜେନ ଗ୍ୟାସ୍ ଭର୍ତ୍ତି ଜେଫାଲେଟା ବେଲୁନ୍ ସହ ଯୋଡି ହୋଇ ରହିଥିବା ଏକ କ୍ୟାପ୍ସୁଲରେ ବସି ଖାଦ୍ୟ ଖାଇବାର ନିଆରା ଅନୁଭୂତି ପାଇବେ। ଭିନ୍‌ସେଣ୍ଟ କୁହନ୍ତି, ଆମେ ଫ୍ରାନ୍ସର ଅନ୍ତରୀକ୍ଷ ଏଜେନ୍ସି ସହ ମିଶି ଲୋକଙ୍କୁ ଏହି ଭିନ୍ନ ଅନୁଭୂତି ପ୍ରଦାନ କରିବାକୁ ଚେଷ୍ଟା କରୁଛୁ। ଏଥିପାଇଁ କମ୍ପାନୀ ସେଲେସ୍ଟେ ନାମକ ଏକପ୍ରକାରର ବିଶେଷ ବେଲୁନ ତିଆରି କରୁଛି। ଉକ୍ତ ବେଲୁନର ଗତି ସେକେଣ୍ଡ ପ୍ରତି ୪ ମିଟର ରହିବ। ଦେଢ ଘଣ୍ଟାରେ ଏହା ନିର୍ଦ୍ଧାରିତ ଦୂରତାରେ ପହଞ୍ଚିଯିବ। ଏଥିରେ ସଂଯୋଗ ହୋଇଥିବା କ୍ୟାପ୍ସୁଲରେ ୬ ଜଣ ଗ୍ରାହକଙ୍କ ସହ ୨ଜଣ ପାଇଲଟ୍ ଯାଇପାରିବେ। ଏହି ବେଲୁନ ୯୦ ମିନିଟ୍ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ସ୍ଥିର ରହିପାରିବ। ମହାକାଶରେ ଗ୍ରାହକଙ୍କୁ ଫ୍ରେଞ୍ଚ ଫୁଡ୍ ସହ ଫ୍ରେଞ୍ଚ ୱାଇନ୍ ଦିଆଯିବ। ଏଥିରେ ୭୫ ବର୍ଗଫୁଟ୍‌ର ଏକ ଝରକା ବି ରହିବ, ଯାହା ମାଧ୍ୟମରେ ଗ୍ରାହକ ମହାକାଶ ସୁନ୍ଦର ଦୃଶ୍ୟକୁ ଦେଖିପାରିବେ। ଏହାର ବୁକିଂର ପ୍ରାରମ୍ଭିକ ଅର୍ଥ ୯ ଲକ୍ଷ ରଖାଯାଇଛି। ରାଉଣ୍ଡ ଟ୍ରିପ୍ କଲେ ଗ୍ରାହକଙ୍କୁ ପ୍ରାୟ ୧ କୋଟି ଖର୍ଚ୍ଚ କରିବାକୁ ହେବ।

